ODIA DAILY EDITION
09.05.2025
କଟକ,ଶୁକ୍ରବାର
ପୃଷ୍ଠା-୪+୪, ମୂଲ୍ୟ- ₹୨.୦୦
ମଇ-୦୯, ୨୦୨୫
ବର୍ଷ-୩୭, ସଂଖ୍ୟା-୩୦୦
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA

35 Years of publication SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

# ପାକିସ୍ତାନରେ ଭାରତର ପ୍ରଚଣ୍ଡ ହମ୍ଲା

## ପାକିସ୍ତାନରେ ଆତଙ୍କ ଖେଳାଇଛି ଭାରତର ଆତ୍ମଘାତୀ ଡ୍ରୋନ

## ୮ ଯୁଦ୍ଧ ବିମାନକୁ ଖସାଇଲା ଭାରତ, ପାଇଲଟ୍ ଧରାପଡ଼ିଲେ

## ପାକ୍ ମିସାଇଲ୍ ଓ ଡ୍ରୋନକୁ ନଷ୍ଟ କଲା 'ସୁଦର୍ଶନ ଚକ୍ର'

## ଜମ୍ମୁ ଏୟାରଷ୍ଟ୍ରିପକୁ ଟାର୍ଗେଟ୍ କଲା ପାକିସ୍ତାନ, ବିଭିନ୍ନ ସ୍ଥାନରେ ବ୍ଲାକଆଉଟ୍

**ନୂଆଦିଲ୍ଲୀ, ୮।୫:** ଅପରେସନ ସିନ୍ଦୂର ପରେ ଭାରତ ଠାରୁ ବଦଲା ନେବାକୁ ଉଦ୍ୟମ କରି ଫେଲ ମାରିଛି ପାକିସ୍ତାନ। ମଙ୍ଗଳବାର ରାତି ୧.୦୫ରୁ ୧.୩୦ ମଧ୍ୟରେ ଭାରତୀୟ ସେନା ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀରରେ ଥିବା ୯ଟି ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରିଥିଲା। ଭାରତୀୟ ସେନାର ବୀରତ୍ୱକୁ ସହଜରେ ହଜମ କରି ପାରି ନଥିବା ପାକିସ୍ତାନ ବୁଧବାର ରାତିରେ ପାଲଟା ଆକ୍ରମଣ କରିଥିଲା। ଭାରତର ୧୫ଟି ସହରକୁ ପାକିସ୍ତାନ ମିସାଇଲ ଓ ଡ୍ରୋନ ଦ୍ୱାରା ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା। ହେଲେ ପାକିସ୍ତାନର ସବୁ ମିସାଇଲ ଓ ଡ୍ରୋନକୁ ଭାରତୀୟ ବାୟୁ ସେନାର ରୁଷ ନିର୍ମିତ ଏୟାର ଡିଫେନ୍ସ ସିଷ୍ଟମ ଏସ-୪୦୦ ଖସାଇ ଦେବାକୁ ସକ୍ଷମ ହୋଇଛି। ଏହି ଏସ୍-୪୦୦ ଏୟାର ଡିଫେନ୍ସ ସିଷ୍ଟମ ସୁଦର୍ଶନ ଚକ୍ର ଭାପୁଣିଥରେ ପାକିସ୍ତାନକୁ ପାନେ ଦେଇଛି ଭାରତ। ଆତଙ୍କବାଦୀ ଆଡ୍ଡାରେ ଭାରତ କରିଥିବା ଅପରେସନ ସିନ୍ଦୂରର ଜବାବ ଦେବାକୁ ଚେଷ୍ଟା କରି ପାକିସ୍ତାନ ନାମ ନେଇଛି। ପାକିସ୍ତାନ ଅପରେସନ ସିନ୍ଦୂର ପରେ ଭାରତର ୧୫ଟି ସହରରେ ଥିବା ସାମରିକ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ କରିବା ମହଙ୍ଗା ପଡ଼ିଛି। ପାକିସ୍ତାନ ଛାତିରେ ଭାରତ କରିଛି ଗର୍ଜନ। ଭାରତର ଡ୍ରୋନ ହମଲାରେ ଥରି ଉଠିଛି ପାକିସ୍ତାନର ବଡ଼ବଡ଼ ସହର।

ପାକିସ୍ତାନ ବୁଧବାର ରାତିରେ କରିଥିବା ମିସାଇଲ ଓ ଡ୍ରୋନ ହମଲାର ଜବାବ ଅପରେସନ ସିନ୍ଦୂରର ଦ୍ୱିତୀୟ ଦିନରେ ଦେଇଛି ଭାରତ। ଆଜି ସକାଳୁ ଭାରତୀୟ ସେନାର ଡ୍ରୋନ ପାକିସ୍ତାନର ଏକାଧିକ ବଡ଼ ସହରରେ କାଉଣ୍ଟର ଷ୍ଟ୍ରାଇକ କରିଛି। ଭାରତର ଡ୍ରୋନ ହମଲାରେ ପାକିସ୍ତାନର ବନ୍ଦର ସହର ଲାହୋର ଠାରୁ ଆରମ୍ଭ କରି ରାଜଧାନୀ ଇସଲାମାବାଦ ଥରି ଉଠିଛି।

ଆଜି ସକାଳେ ଭାରତୀୟ ସେନା ପାକିସ୍ତାନର ବିଭିନ୍ନ ସହରରେ ଏୟାର ଡିଫେନ୍ସ ରାଡାର ଓ ସିଷ୍ଟମକୁ ଟାର୍ଗେଟ କରିଥିଲା। ପାକିସ୍ତାନ ଯେଉଁ ଭଳି ଆକ୍ରମଣ କରିଥିଲା ଭାରତ ମଧ୍ୟ ସମାନ ଢଙ୍ଗରେ ଏହାର ଜବାବ ଦେଇଛି। ଭାରତର ଡ୍ରୋନ ଆକ୍ରମଣରେ ପାକିସ୍ତାନର ଏୟାର ଡିଫେନ୍ସ ସିଷ୍ଟମ ନଷ୍ଟ ହୋଇଯାଇଛି। ଚାଇନା ପକ୍ଷରୁ ଲାହୋରରେ ଏଚକ୍ୟୁ-୯ ମିସାଇଲ ଡିଫେନ୍ସ ସିଷ୍ଟମ ଖଞ୍ଜା ଯାଇଥିଲା।

ବାରମ୍ବାର ଭାରତ ଠାରୁ ଦୃଢ଼ ଜବାବ ପାଉଥିବା ପାକିସ୍ତାନ ନିଜ ପ୍ରକୃତି ବଦଳାଉ ନାହିଁ। ଅପରେସନ ସିନ୍ଦୂରର ଜବାବ ଦେବାକୁ ଯାଇ ଆଜି ପୁଣିଥରେ ଜମ୍ମୁ ଏୟାର ଷ୍ଟ୍ରିପିକୁ ଟାର୍ଗେଟ କରିଛି ପାକିସ୍ତାନ। ଆଜି ସନ୍ଧ୍ୟାରେ ପାକିସ୍ତାନ ପକ୍ଷରୁ ଏୟାର ଷ୍ଟ୍ରିପକୁ ଟାର୍ଗେଟ କରି ୮ଟି ସକ୍ସ ଉଚ୍ଚତାର ମିସାଇଲ ମାଡ଼ କରାଯାଇଛି।

### ୩ ସେନା ଓ ସିଡିଏସ୍‌ଙ୍କ ସହ ରାଜନାଥଙ୍କ ଆଲୋଚନା

୮ଟି ମିସାଇଲ ପାକିସ୍ତାନ ମାଡ଼ କରିଥିଲେ ହେଁ ଏହାକୁ ଭାରତର ଏସ୍-୪୦୦ ଏୟାର ଡିଫେନ୍ସ ସିଷ୍ଟମ ବା ସୁଦର୍ଶନ ଚକ୍ର ନଷ୍ଟ କରି ଦେଇଥିବା ଜଣାପଡ଼ିଛି। ମିସାଇଲ ମାଡ଼ କରିବା ସହ ପାକିସ୍ତାନ ପକ୍ଷରୁ ସାମ୍ବାରେ ମଧ୍ୟ ଗୁଳି ବର୍ଷା କରାଯାଇଛି। ଏହାର ଜବାବ ଭାରତୀୟ ସେନା ପକ୍ଷରୁ ଦିଆଯାଇଛି।

ଜମ୍ମୁ ବ୍ୟତୀତ ଉଦ୍ଦମପୁର, ଅଖନୁର, ପଠାନକୋଟ, ସାମ୍ବା, ଆରଏସ୍ ପୁରାରେ ପାକିସ୍ତାନ ଡ୍ରୋନ ଦ୍ୱାରା ଆକ୍ରମଣ କରିବାକୁ ଚେଷ୍ଟା କରିଛି। ହେଲେ ଏଠାରେ ଭାରତୀୟ ସେନା ଗୁଳି କରି ପାକିସ୍ତାନ ଡ୍ରୋନ ଗୁଡ଼ିକୁ ଖସାଇ ଦେଇଛନ୍ତି। ଜମ୍ମୁ ବିଶ୍ୱବିଦ୍ୟାଳୟ ନିକଟରେ ମଧ୍ୟ ୨ଟି ଡ୍ରେନ ପଡ଼ିଥିବା ଖବର ମିଳିଛି। ଜମ୍ମୁ ଏୟାର ଷ୍ଟ୍ରିପରେ ଗୋଟିଏ ଡ୍ରୋନ ମାଡ଼ ହୋଇଥିବା ଜଣାପଡ଼ିଛି।

ଜମ୍ମୁ ସମେତ ରାଜସ୍ଥାନ ସୀମାରେ ମଧ୍ୟ ପାକିସ୍ତାନ ପଟୁ ବିପଦ ସୃଷ୍ଟି ହୋଇଛି। ଏହାକୁ ମାତ ଦେବା ପାଇଁ ରାଜସ୍ଥାନର ସୀମାବର୍ତ୍ତୀ ଅଞ୍ଚଳରେ ହାଇ ଆଲର୍ଟ କରାଯାଇଛି। ଜୈସଲମେର ଠାରେ ପାକିସ୍ତାନ ଡ୍ରୋନ ଓ ମିସାଇଲ ମାଡ଼ କରିଛି। ଏଠାରେ ସୁରକ୍ଷାକର୍ମୀ ବ୍ଲାକଆଉଟ କରି ସହରରୁ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଆଉ କିଛି ସ୍ଥାନରେ ବି ବ୍ଲାକଆଉଟ କରାଯାଇଛି। ବ୍ଲାକଆଉଟ ଯୋଗୁ ପୂରା ଅଞ୍ଚଳ ଅନ୍ଧାର ମଧ୍ୟରେ ରହିଛି। ପଞ୍ଜାବର ପଠାନକୋଟ ଅଞ୍ଚଳରେ ମଧ୍ୟ ବ୍ଲାକଆଉଟ ହୋଇଛି। ପାକିସ୍ତାନ ଏବେ ଔଷଧ ବିକଳରେ ତାଟିଆ କାମୁଡ଼ିବାରେ ଲାଗିଥିବାରୁ କିଛି ବି ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।





### ଜୈସ ମୁଖ୍ୟ ରୌଫ ଆଝାର ମୃତ

**ନୂଆଦିଲ୍ଲୀ, ୮।୫:** ମଇ ୭ ରାତିରେ ପାକିସ୍ତାନ ଉପରେ ଭାରତ କରିଥିବା ସାମରିକ କାର୍ଯ୍ୟାନୁଷ୍ଠାନରେ ଭାରତର ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ତଥା ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ପ୍ରତିଷ୍ଠାତା ମାସୁଦ ଆଝାରର ପରିବାର ସଫା ହୋଇଯାଇଛି । ଆଝାର ପରିବାରର ମୋଟ ୧୦ ଜଣ ସଦସ୍ୟ ମୃତ୍ୟୁବରଣ କରିଛନ୍ତି। ସେମାନଙ୍କ ମଧ୍ୟରେ ରହିଛି ମାସୁଦର ଭାଇ ରୌଫ ଆଝାର । ୧୯୯୯ରେ ଯେତେବେଳେ ତାର ବଡ଼ ଭାଇ ମାସୁଦ ଆଝାର କଶ୍ମୀରର ଜେଲରେ ଥିଲା, ତାକୁ ଛଡ଼ାଇବାକୁ ରୌଫ ଏୟାର ଇଣ୍ଡିଆ ଆଇସି-୮୧୪ କାନ୍ଦାହାର ବିମାନ ଅପହରଣ କରାଇଥିଲା ।

### ଶାହଙ୍କ ଓଡ଼ିଶା ଗସ୍ତ ବାତିଲ

**ଭୁବନେଶ୍ୱର, ୮।୫:** କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ଓଡ଼ିଶା ଗସ୍ତ ବାତିଲ । ଦୁଇ ଦିନିଆ ଗସ୍ତରେ ଆସିଥାନ୍ତେ କେନ୍ଦ୍ର ଗୃହ ମନ୍ତ୍ରୀ । ୧୦ ଓ ୧୧ରେ ସମ୍ବଲପୁର ଏବଂ ଭୁବନେଶ୍ୱର ଗସ୍ତରେ ଆସିବାର ଥିଲା କାର୍ଯ୍ୟକ୍ରମ । ବିଭିନ୍ନ ପ୍ରକଳ୍ପ ଉଦ୍ଘାଟନ ସହ ଜନ ସଭାକୁ ସମ୍ବୋଧନ କରିବାର ଥିଲା କାର୍ଯ୍ୟକ୍ରମ । ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ଅମିତ ଶାହଙ୍କ ଓଡ଼ିଶା ଗସ୍ତ ବାତିଲ ହୋଇଛି ।

### ପରୀକ୍ଷା ବାତିଲ ନେଇ ସୋସିଆଲ ମିଡିଆରେ ବିଜ୍ଞପ୍ତି ମିଛ: ୟୁଜିସି

**ନୂଆଦିଲ୍ଲୀ, ୮।୫:** ୟୁଜିସି ଦେଲା ସ୍ପଷ୍ଟୀକରଣ। ସୋସିଆଲ ମିଡିଆରେ ଘୁରି ବୁଲୁଥିବା ତଥ୍ୟ ଭୁଲ ବୋଲି ସୋସିଆଲ ମିଡିଆରେ ଟୁଇଟ କଲା ୟୁଜିସି । ଯୁଦ୍ଧ ପାଇଁ ସବୁ ପରୀକ୍ଷା ବାତିଲ ନେଇ ଏକ ବିଜ୍ଞପ୍ତି ଘୁରି ବୁଲୁଛି, ଯାହା ମିଛ ଓ ଗୁଜବ ବୋଲି ସୋସିଆଲ ମିଡ଼ିଆ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛି ୟୁଜିସି।

| | |
|---|---|
| ସେନ୍‌ସେକ୍ସ | ୮୦,୩୩୪ |
| ନିଫ୍ଟି | ୨୪,୨୭୩ |
| ସୁନା/୧୦ଗ୍ରା | ୧,୦୦,୧୪୫ |
| ରୂପା/କିଗ୍ରା | ୯୯,୦୦୦ |
| ଡଲାର | ୮୭.୭୯ |

### ପାଣିପାଗ

| | |
|---|---|
| ସର୍ବାଧିକ | |
| ଭୁବନେଶ୍ୱର: | ୩୭.୬° |
| କଟକ: | ୩୬.୫° |
| ସର୍ବନିମ୍ନ | |
| ଭୁବନେଶ୍ୱର: | ୨୬.୮° |
| କଟକ: | ୨୬.୧° |

### ହାଲ୍‌ଚାଲ୍




ପାକିସ୍ତାନ ଉପରେ ଭାରତ ଘନଘନ ଆକ୍ରମଣ କଲା
ପାକ୍ ମିସାଇଲ୍ ଓ ଡ୍ରୋନକୁ ଭାରତ ସେନା ଖସାଇଲା
ଘନ ଘନ ବୈଠକ ବସୁଛି ଯୁଦ୍ଧ ଜୋରରେ ବଢ଼ିଲା ।

#### ଅଡୁଆରେ ଜଷ୍ଟିସ୍ ଯଶବନ୍ତ ବର୍ମା

## ରାଷ୍ଟ୍ରପତିଙ୍କୁ ତଦନ୍ତ ରିପୋର୍ଟ ଦେଲେ ପ୍ରଧାନ ବିଚାରପତି

**ନୂଆଦିଲ୍ଲୀ, ୮।୫:** ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ଘରୁ ଟଙ୍କା ଉଦ୍ଧାର ମାମଲାରେ ସୁପ୍ରିମକୋର୍ଟର ଆଭ୍ୟନ୍ତରୀଣ ତଦନ୍ତ କମିଟି ଏହାର ରିପୋର୍ଟ ସମାପ୍ତ କରିଛି। ଭାରତର ପ୍ରଧାନ ବିଚାରପତି ସଞ୍ଜିବ ଖାନ୍ନା ଏହି ରିପୋର୍ଟକୁ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଇଛନ୍ତି। ଜଷ୍ଟିସ୍ ବର୍ମାଙ୍କ ପ୍ରତିକ୍ରିୟା ମଧ୍ୟ ରିପୋର୍ଟ ସହିତ ସାମିଲ କରାଯାଇଛି। ସୁପ୍ରିମକୋର୍ଟ ଦ୍ୱାରା ଜାରି କରାଯାଇଥିବା ସରକାରୀ ବିବୃତ୍ତିରେ କୁହାଯାଇଛିପ୍ରଧାନ ବିଚାରପତି ୩ ମଇ୨୦୨୫ ତାରିଖରେ ୩ ଜଣିଆ କମିଟିର ରିପୋର୍ଟ ଏବଂ ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ଦ୍ୱାରା ପଠାଯାଇଥିବା ମେ ୬ ତାରିଖରେ ଚିଠିକୁ ଆଭ୍ୟନ୍ତରୀଣ ପ୍ରକ୍ରିୟା ଅନୁସାରେ ମହାମହିମ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଇଛନ୍ତି।'



୧୪ ମାର୍ଚ୍ଚ ସନ୍ଧ୍ୟାରେ ଦିଲ୍ଲୀରେ ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିଲା। ଯେତେବେଳେ ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଇବାକୁ ପହଞ୍ଚିଲେସେତେବେଳେ ବହୁ ପରିମାଣର ଟଙ୍କା ମିଳିଥିବା ଜଣାପଡ଼ିଛି। ଏହି ସମୟ ମଧ୍ୟରେ ଜଷ୍ଟିସ୍ ବର୍ମା ଏବଂ ତାଙ୍କ ପତ୍ନୀ ଦିଲ୍ଲୀରେ ନଥିଲେ। ସେ ମଧ୍ୟପ୍ରଦେଶ ଗସ୍ତରେ ଥିଲେ।

### ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ, ୬ ମୃତ

**ଉତ୍ତରକାଶୀ, ୮।୫:** ଉତ୍ତରାଖଣ୍ଡରେ ଆଜି ସକାଳ ପ୍ରାୟ ୮.୪୫ ମିନିଟ ସମୟରେ ଏକ ହେଲିକପ୍ଟର ଗଙ୍ଗନାନୀ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ୬ଜଣ ତୀର୍ଥଯାତ୍ରୀ ଓ ପାଇଲଟଙ୍କ ସମେତ ୭ଜଣ ଲୋକଙ୍କ ଥିଲେ । ହେଲିକପ୍ଟରଟି ତୀର୍ଥଯାତ୍ରୀଙ୍କୁ ନେଇ ଗଙ୍ଗୋତ୍ରୀ ଧାମ ଯାଉଥିଲା । ସୂଚନା ପରେ ଘଟଣାସ୍ଥଳରେ ରେସକ୍ୟୁ ଟିମ୍ ପହଂଚିଛି । ରେସକ୍ୟୁ ଅପରେସନ ଜାରି ରହିଛି । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହଧାମୀ କହିଛନ୍ତି ଯେ, ହେଲିକପ୍ଟର ଦୁର୍ଘଟଣାରେ କିଛି ଲୋକଙ୍କ ମୃତାହତ ହେବାର ଅତ୍ୟନ୍ତ ଦୁଃଖଦ ଖବର ମିଳିଛି । ଈଶ୍ୱର ଦିବଂଗତ ଆତ୍ମାଙ୍କୁ ତାଙ୍କ ଶ୍ରୀଚରଣରେ ସ୍ଥାନ ଦିଅନ୍ତୁ । ଏହି ଦୁର୍ଘଟଣାର ସେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

## ଲ୍ୟାଣ୍ଡମାଇନ ବିସ୍ଫୋରଣ ୫ ଯବାନ ସହିଦ

**ମାଲକାନଗିରି, ୮।୫:** ସୀମାନ୍ତ ଏବେ ଅଶାନ୍ତ ହୋଇପଡ଼ିଛି। ତେଲେଙ୍ଗାନା ଏବଂ ଛତିଶଗଡ ସୀମାନ୍ତବର୍ତ୍ତୀ କାରେଗଟ୍ଟା ଜଂଗଲରେ ଗତ ୧୬ ଦିନ ହେଲା ନକ୍ସଲଙ୍କୁ ଦମନ କରିବା ନେଇ ଜଂଗଲରେ ଯବାନ ଘେରି ରହିଥିବା ବେଳେ ବୁଧବାରର ଗୁଳିବିନିମୟରେ ୨୬ ଜଣ ନକ୍ସଲ ମୃତ୍ୟୁବରଣ କରିଥିଲେ। ଅନ୍ୟଦିଗରେ ଆନ୍ଧ୍ର ସୀମାନ୍ତରେ ମଧ୍ୟ ନକ୍ସଲ ସହ ଆନ୍ଧ୍ର ଗ୍ରେହାଉଣ୍ଡ ମଧ୍ୟରେ ଗୁଳିବିନିମୟ ଘଟିବା ଫଳରେ ଦୁଇ ହାର୍ଡକୋର ମାଓ ନେତାଙ୍କର ମୃତ୍ୟୁ ହୋଇଥିଲା।

### ୧୦ ଜଣ ମାଓବାଦୀ ନିହତ

ଆଜି ପୁଣି ଆନ୍ଧ୍ରର ମୁଲୁଗୁ ଜିଲ୍ଲାର ଜଂଗଲରେ ନକ୍ସଲ ଏବଂ ପୁଲିସ ମଧ୍ୟରେ ଗୁଳବିନିମୟ ଘଟିଛି। ଜଂଗଲରେ ଗ୍ରେହାଉଣ୍ଡ ଯବାନ ନକ୍ସଲ ସହ ଗୁଳିବିନିମୟ କରୁଥିବା ବେଳେ ନକ୍ସଲ ଏକ ଲ୍ୟାଣ୍ଡମାଇନକୁ ବିସ୍ଫୋରଣ କରିଥିଲେ। ଯାହାଫଳରେ ଘଟଣାସ୍ଥଳରେ ହିଁ ୫ ଜଣ ଯବାନ ସହିଦ ହୋଇଯାଇଥିଲେ। ଏଥିସହ ଏହି ଗୁଳିବିନମୟରେ ୧୦ ଜଣ ନକ୍ସଲ ମଧ୍ୟ ମୃତ୍ୟୁବରଣ କରିଥିବା କୁହାଯାଇଛି।

ମୃତ୍ୟୁବରଣ କରିଥିବା ୧୦ ଜଣ ନକ୍ସଲ ମଧ୍ୟରୁ ସେଣ୍ଟ୍ରାଲ କମିଟି ସଦସ୍ୟ ତଥା ଏକ କୋଟି ପୁରସ୍କାର ଘୋଷିତ ମାଓନେତା ଚନ୍ଦ୍ରନା ଏବଂ ଷ୍ଟେଟ ଜୋନାଲ କମିଟିର ସଦସ୍ୟ ତଥା ୨୫ ଲକ୍ଷ ପୁରସ୍କାର ଘୋଷିତ ନକ୍ସଲ ନେତା ବି.ପ୍ରକାଶର ମଧ୍ୟ ମୃତ୍ୟୁ ହୋଇଛି। ଅନ୍ୟ ନକ୍ସଲଙ୍କର ଶବକୁ ଚିହ୍ନଟ କରାଯାଉଛି।



ତେବେ ଗୁଇନ୍ଦା ସୂତ୍ରରୁ ଖବର ମିଳିବା ପରେ ଏହି ଚଢାଉ ଆନ୍ଧ୍ର ଗ୍ରେହାଉଣ୍ଡର ଯବାନ ଚଢାଉ କରିଥିଲେ। ଯବାନ ଜଂଗଲରେ ଆସୁଥିବା ଦେଖି ନକ୍ସଲ ଜଂଗଲରେ ଖଞ୍ଜିଥିବା ଲ୍ୟାଣ୍ଡମାଇନକୁ ବିସ୍ଫୋରଣ କରିଥିଲେ। ଯାହା ଯବାନ ଜାଣିପାରିନଥିଲେ। ଯାହାଫଳରେ ୫ ଜଦଣ ଯବାନ ସହିଦ ହୋଇଯାଇଥିଲେ। ଏଥିସହ ଘଟଣାସ୍ଥଳରୁ ଏକେ-୪୭, ଏସଏଲଆର, ଇନସାଶ ସହ ବିସ୍ଫୋରକ ଏବଂ ମାଓ ସାମଗ୍ରୀ ଜବତ କରାଯାଇଛି। ଏବେ ବି କାରେଗଟ୍ଟା ଜଂଗଲରେ ଯବାନ ସର୍ଚ୍ଚ ଅପରେସନକୁ ଜୋରଦାର କରୁଛନ୍ତି। ନିର୍ଣ୍ଣାୟକ ଲଢେଇ ଚାଲିଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

## ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଚାଲୁଥିବା ସ୍କୁଲ ବିରୁଦ୍ଧରେ ହେବ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୮।୫:** ଗ୍ରୀଷ୍ମ ପ୍ରବାହ ଯୋଗୁ ସ୍କୁଲ ବନ୍ଦ ରଖିବାକୁ ରାଜ୍ୟ ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ଯେଉଁ ସ୍କୁଲଗୁଡ଼ିକ ଚାଲୁ ରହିଛି ସେମାନଙ୍କ ବିରୁଦ୍ଧରେ ତୁରନ୍ତ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ବିଭାଗର ଅତିରିକ୍ତ ସଚିବ ଦୁର୍ଗା ପ୍ରସାଦ ମହାପାତ୍ରଙ୍କ ଦ୍ୱାରା ଜାରି ଏକ ଚିଠିରେ ଉଲ୍ଲେଖ କରାଯାଇଛି ଯେ, ରାଜ୍ୟ ସରକାର ପ୍ରଚଣ୍ଡ ଗ୍ରୀଷ୍ମ ତାପମାତ୍ରା ପ୍ରତି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ୨୨ ଏପ୍ରିଲ୍ ୨୦୨୫ ଠାରୁ ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟ ବନ୍ଦ ରଖିବାକୁ ଘୋଷଣା କରିଥିଲେ। ତେବେ କିଛି ଶିକ୍ଷାନୁଷ୍ଠାନ ଏହି ନିର୍ଦ୍ଦେଶକୁ ଅଣଦେଖା କରି ସ୍କୁଲ ଖୋଲା ରଖିଛନ୍ତି। ଫଳରେ ଛାତ୍ରଛାତ୍ରୀମାନଙ୍କ ସୁରକ୍ଷାକୁ ବିପଦରେ ପକାଇଛି ।



ନିର୍ଦ୍ଦେଶାବଳୀ ଜାରି ହେବା ସତ୍ତ୍ୱେ, କିଛି ସ୍କୁଲ ଦ୍ୱାରା ଏହି ନିର୍ଦ୍ଦେଶାବଳୀର ଉଲ୍ଲଂଘନ ସମ୍ପର୍କରେ ସୂଚନା ବିଭାଗର ଦୃଷ୍ଟିକୁ ଆସିଛି। ତେଣୁ ଆପଣଙ୍କ ଜିଲ୍ଲାରେ ଉପରୋକ୍ତ ନିର୍ଦ୍ଦେଶାବଳୀର କଡ଼ାକଡ଼ି ପାଳନ ସୁନିଶ୍ଚିତ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି, ବୋଲି ଡିଇଓମାନଙ୍କୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି।

### ଏଥର ୨୦ ଜିଲ୍ଲାରେ ରବି ଧାନ ପଞ୍ଜିକରଣ

**ଭୁବନେଶ୍ୱର, ୮।୫:** ରବି ଧାନ ପାଇଁ ପଞ୍ଜୀକରଣ ସରିଛି । ଏଥର ଆମେ ୨୦ ଟି ଜିଲ୍ଲାକୁ ନେଇଛୁ । ଆଗରୁ ୧୭ ଜିଲ୍ଲାରେ ପଞ୍ଜୀକରଣ ହେଉଥିଲା । ପଞ୍ଜୀକରଣ ପରେ ସାଟେଲାଇଟ ସର୍ଭେ କରାଯିବ ବୋଲି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ସପ୍ତାହେ ଭିତରେ ଆରମ୍ଭ ହେବ ଧାନ କିଣା ପ୍ରକ୍ରିୟା । ୪୮ ଘଂଟା ଭିତରେ ଚାଷୀଙ୍କ ଆକାଉଂଟକୁ ଯିବ ଟଙ୍କା । ମଣ୍ଡି ଦାୟିତ୍ୱରେ ରହିବେ ନୋଡାଲ ଅଫିସର ଆମର ଟାର୍ଗେଟ ୧୫ ଲକ୍ଷ ମେଟ୍ରିକ୍ ଟନ ରହିଛି । ପ୍ରଥମ ପର୍ଯ୍ୟାୟରେ ୧୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରହିଛି । ଅସାଧୁ ମିଲର ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ।

## କଳାବଜାରୀ ଉପରେ କଡ଼ା ନଜର: ଖାଦ୍ୟ ଯୋଗାଣ ମନ୍ତ୍ରୀ

**ଭୁବନେଶ୍ୱର, ୮।୫:** ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି । ଆମ ରାଜ୍ୟ ସବୁ ପ୍ରକାର ସ୍ଥିତି ପାଇଁ ପ୍ରସ୍ତୁତ ଅଛି। ଡାଲି, ଚାଉଳ, ତେଲ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଯଥେଷ୍ଟ ପରିମାଣରେ ଗଚ୍ଛିତ ଅଛି ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି, କୌଣସି ପ୍ରକାର କଳାବଜାରୀକୁ ପ୍ରଶ୍ରୟ ଦିଆଯିବ ନାହିଁ ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଅପେରସନ ସିନ୍ଦୂରରେ ସୀମିତ ରହିବନି ଆକ୍ସନ । ଆଗକୁ ଆହୁରି ବଡ କାର୍ଯ୍ୟାନୁଷ୍ଠାନ ନିଆଯିବ । ତେଣୁ ଅତ୍ୟାବଶ୍ୟକ ସାମଗ୍ରୀ ନେଇ ସରକାର ବଜାର ଉପରେ କଡ଼ା ନଜର ରଖିଛନ୍ତି।

ରବି ଧାନ ପାଇଁ ପଞ୍ଜୀକରଣ ସରିଛି । ଏଥର ଆମେ ୨୦ଟି ଜିଲ୍ଲାକୁ ହାତକୁ ନେଇଛୁ । ଆଗରୁ ୧୭ ଜିଲ୍ଲାରେ ପଞ୍ଜୀକରଣ ହେଉଥିଲା । ପଞ୍ଜୀକରଣ ପରେ ସାଟେଲାଇଟ ସର୍ଭେ କରାଯିବ। ଏହାପରେ ସପ୍ତାହେ ଭିତରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବ।

୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଯିବ। ମଣ୍ଡି ଦାୟିତ୍ୱରେ ନୋଡାଲ ଅଫିସର ରହିବେ । ଏଥର ଆମର ଟାର୍ଗେଟ ୧୫ ଲକ୍ଷ ମେଟ୍ରିକ୍ ଟନ ରହିଛି । ପ୍ରଥମ ପର୍ଯ୍ୟାୟରେ ୧୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରହିଛି । କଟନୀ ଛଟନୀ କରାଇ ଦିଆଯାଇନାହିଁ । ଅସାଧୁ ମିଲରମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯୋଗାଣ ମନ୍ତ୍ରୀ ତାଗିଦ୍ କରିଛନ୍ତି।

ଭୁବନେଶ୍ୱରରେ ସାଇନ୍ସ ସିଟି ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ଏହା ଲକ୍ଷ୍ୟ ରହିଛି । ସେଥି ଲାଗି ନିକଟରେ ଅହମ୍ମଦାବାଦରେ ଥିବା ସାଇନ୍ସ ସିଟି ଦେଖିବାକୁ ମୁଁ ଯାଇଥିଲି । ଆମ ରାଜ୍ୟ ଓଡ଼ିଶାରେ ସେଭଳି ସାଇନ୍ସ ସିଟି ପ୍ରତିଷ୍ଠା ହେବ । ସବୁ ଜିଲ୍ଲାରେ ସାଇନ୍ସ ପାର୍କ ମଧ୍ୟ ହେବ ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

## କୁଳପତି ଓ ଅଧାପକ ନିଯୁକ୍ତିକୁ ନେଇ ଲାଗିଥିବା ରୋକ୍ ହଟାଇଲେ ସୁପ୍ରିମ୍‌କୋର୍ଟ

### ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୦କୁ ନେଇ ରୁଜୁ ହୋଇଥିବା ମାମଲାର ଶୁଣାଣିକରି ସୁପ୍ରିମକୋର୍ଟ ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅଧାପକ ନିଯୁକ୍ତି ଉପରେ ଲାଗିଥିବା ଅନ୍ତରୀଣ ରହିତାଦେଶକୁ ହଟାଇ ଦେଇଛନ୍ତି ।

**ନୂଆଦିଲ୍ଲୀ/ଭୁବନେଶ୍ୱର, ୮।୫:** ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ଓ ଅଧାପକ ନିଯୁକ୍ତିକୁ ନେଇ ଲାଗିଥିବା ରୋକ୍‌କୁ ସୁପ୍ରିମ୍‌କୋର୍ଟ ହଟାଇଛନ୍ତି। ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୦କୁ ନେଇ ରୁଜୁ ହୋଇଥିବା ମାମଲାର ଶୁଣାଣିକରି ସୁପ୍ରିମକୋର୍ଟ ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅଧାପକ ନିଯୁକ୍ତି ଉପରେ ଲାଗିଥିବା ଅନ୍ତରୀଣ ରହିତାଦେଶକୁ ହଟାଇ ଦେଇଛନ୍ତି। ଏହା ସହିତ ବର୍ତ୍ତମାନ ନୂଆ ସଂଶୋଧନ ଆଇନ୍ ବା ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ ଅନୁସାରେ ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ଓ ଅଧାପକ ନିଯୁକ୍ତି ହୋଇପାରିବ।

ସୁପ୍ରିମକୋର୍ଟଙ୍କର ଏହି ନିଷ୍ପତ୍ତିକୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ୱାଗତ କରିବା ସହିତ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୦କୁ ନେଇ ରୁଜୁ ହୋଇଥିବା ମାମଲାର ବୁଧବାର ଶୁଣାଣିକରି ସୁପ୍ରିମକୋର୍ଟ ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅଧାପକ ନିଯୁକ୍ତି ଉପରେ ଲାଗିଥିବା ଅନ୍ତରୀଣ ରହିତାଦେଶକୁ ହଟାଇ ଦେଇଛନ୍ତି। ସୁପ୍ରିମ୍‌କୋର୍ଟଙ୍କର ନିଷ୍ପତ୍ତି ପୂର୍ବ ସରକାରଙ୍କ ଦ୍ୱାରା ଅଣାଯାଇଥିବା ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୦କୁ ଭୁଲ୍ ସାବ୍ୟସ୍ତ କରିବା ସହିତ ଏହା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ନିୟମାବଳୀକୁ ଉଲଂଘନ କରୁଥିଲା ବୋଲି ସ୍ପଷ୍ଟ ପ୍ରତିପାଦିତ ହୋଇଛି।



ବର୍ତ୍ତମାନ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ଅନ୍ତରୀଣ ରହିତାଦେଶ ହଟିବା ପରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ଓ ଅଧାପକ ନିଯୁକ୍ତି ପ୍ରକିୟା ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ ଆଧାରରେ କରାଯିବ। ଖାଲି ପଡ଼ି ରହିଥିବା ପଦବିଗୁଡ଼ିକୁ ଯଥାଶୀଘ୍ର ପୂରଣ କରାଯିବାପାଇଁ ପଦକ୍ଷେପ ନିଆଯିବ। ଏଥିସହିତ ପୂର୍ବ ସରକାରଙ୍କ ଐତିହାସିକ ଭୁଲ୍ ନିଷ୍ପତ୍ତି ପାଇଁ ଉଚ୍ଚଶିକ୍ଷାରେ ନିଯୁକ୍ତି ଦିଗରେ ଆସିଥିବା ସ୍ଥାଣୁତାକୁ ଦୂର କରିବା ପାଇଁ କାର୍ଯ୍ୟ କରାଯିବ ।

## ୪ ଦିନ ହିଟ୍‌ୱେଭ୍ ୱାର୍ଣ୍ଣିଂ

**ଭୁବନେଶ୍ୱର, ୮।୫:** ଆଗାମୀ ୨ ଦିନ ଗରମ ଓ ଗୁଳୁଗୁଳି ନେଇ କେତେକ ଜିଲ୍ଲାକୁ ଚେତାବନୀ ଜାରି ହୋଇଥିବା ବେଳେ ପରବର୍ତୀ ୪ ଦିନ ହିଟ୍ ୱେଭ ଏବଂ ଗରମ ଓ ଗୁଳୁଗୁଳି ନେଇ କେତେକ ଜିଲ୍ଲାକୁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ ।

ଗରମ ଓ ଗୁଳୁଗୁଳି ନେଇ ଆଜି ଓ ଆସନ୍ତାକାଲି ପାଇଁ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି । ୯ ତାରିଖ ଅର୍ଥାତ୍ ଆସନ୍ତାକାଲି ଗରମ ଓ ଗୁଳୁଗୁଳି ନେଇ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୧୦ ତାରିଖରେ ହିଟ୍ ୱେଭ ନେଇ ୪ ଜିଲ୍ଲା ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ, ବଲାଙ୍ଗିରକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଗରମ ଓ ଗୁଳୁଗୁଳି ନେଇ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୧୧ ତାରିଖରେ ହିଟ୍ ୱେଭ ନେଇ ୫ ଜିଲ୍ଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ, ବଲାଙ୍ଗିରକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଗରମ ଓ ଗୁଳୁଗୁଳି ନେଇ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୧୨ ତାରିଖରେ ହିଟ୍ ୱେଭ ନେଇ ୬ ଜିଲ୍ଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ, ବଲାଙ୍ଗିର, ନୟାଗଡ଼କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଗରମ ଓ ଗୁଳୁଗୁଳି ନେଇ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି ।

### ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ମାତୃଭାଷା



# ହାଲୋ ବଲିଉଡ୍



## ଶାହାରୁଖଙ୍କ କିଙ୍ଗକୁ ମିଳିଲା କୁଇନ୍

ବଲିଉଡ୍ ବାଦଶାହ ଶାହାରୁଖ ଖାନଙ୍କ ଅପକମିଂ ଫିଲ୍ମ 'କିଙ୍ଗ୍'ର ରିଲିଜକୁ ତାଙ୍କ ଫ୍ୟାନ୍ସ ଅନେକ ଦିନରୁ ଅପେକ୍ଷା କରିଛନ୍ତି। ଇତିମଧ୍ୟରେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ଏଥିରେ ଶାହାରୁଖଙ୍କ ନାୟିକା କିଏ ହେବେ ସେନେଇ ଅନେକ ଦିନରୁ କଳ୍ପନାଜଳ୍ପନା ଲାଗି ରହିଥିଲା। ଏବେ ଏଥିରେ ଦୀପିକା ପାଦୁକୋନ ନାୟିକା ଭାବେ ନଜର ଆସିବେ ବୋଲି ଜଣାପଡିଛି। ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ସୁଟିଂ ମେ ୧୮ ରୁ ମୁମ୍ବାଇରୁ ଆରମ୍ଭ ହେବ। ଏଥିରେ ଶାହାରୁଖଙ୍କ ସହ ଅଭିଷେକ ବଚ୍ଚନ, ସୁହାନା ଖାନ, ଅଭୟ ବର୍ମା, ଜୟଦୀପ ଅହଲାୱତ, ଅରଶଦ ୱର୍ସି ଆଦି ନଜର ଆସିବେ। ପୂର୍ବରୁ ଦୀପିକା ତାଙ୍କର ଝିଅ ପାଇଁ ଏହି ଫିଲ୍ମରେ ନାୟିକା ଭାବେ ଅଭିନୟ କରିବାକୁ ମନା କରିଦେଇଥିଲେ। ଅବଶ୍ୟ ପରେ ସେ ଅତିଥି କଳାକାର ଭାବେ ଅଭିନୟ କରିବା ପାଇଁ ରାଜି ହୋଇ ଯାଇଥିଲେ। ଫିଲ୍ମ ସୁଟିଂରେ ଡେରି ହେବାରୁ ଏବେ ସେ ନାୟିକା ଭାବେ କାମ କରିବା ପାଇଁ ରାଜି ହୋଇଯାଇଥିବା ଜଣାପଡିଛି।

# ହାର୍ପି ଡ୍ରୋନ୍ ମାଡ଼ରେ ଥରହର ପାକିସ୍ତାନ

**ନୂଆଦିଲ୍ଲୀ:** ପାକିସ୍ତାନର କରାଚୀ ଓ ଲାହୋର ପରି ବଡ଼ ସହର ସମେତ ଅନେକ ସ୍ଥାନରେ ଡ୍ରୋନ୍ ଆଟାକ୍ ହୋଇଛି । ପାକିସ୍ତାନ ଆକ୍ରମଣ ଜବାବରେ ଭାରତ କାଉଣ୍ଟର ଆଟାକ୍ କରିଥିଲା । ପାକିସ୍ତାନକୁ ଆଟାକ୍ କରିବା ପାଇଁ ଭାରତ ଦ୍ୱାରା ହାର୍ପି ଡ୍ରୋନ ବ୍ୟବହାର କରିଛି । ଇସ୍ରାଏଲ୍ ଦ୍ୱାରା ନିର୍ମିତ ଦୁନିଆର ଘାତକ ଡ୍ରୋନ୍ ମଧ୍ୟରେ ସାମିଲ ହାର୍ପି ପାକିସ୍ତାନରେ ତାଣ୍ଡବ ରଚିଛି ।

> ଇସ୍ରାଏଲ୍ ଦ୍ୱାରା ନିର୍ମିତ ଦୁନିଆର ଘାତକ ଡ୍ରୋନ୍ ମଧ୍ୟରେ ସାମିଲ ହାର୍ପି ପାକିସ୍ତାନରେ ତାଣ୍ଡବ ରଚିଛି

ହାର୍ପି ଡ୍ରୋନ୍ ହେଉଛି ଇସ୍ରାଏଲ୍ ଦ୍ୱାରା ନିର୍ମିତ ଏକ ମାନବବିହୀନ ବାୟୁ ଯାନ। ଇସ୍ରାଏଲ ଏରୋସ୍ପେସ୍ ଇଣ୍ଡଷ୍ଟ୍ରିଜ୍ ଏହାକୁ ବିକଶିତ କରିଛି । ଏହା ଏକ ଲାଇଟରିଂ ମ୍ୟୁନିସନ । ମୁଖ୍ୟତଃ ଶତ୍ରୁପକ୍ଷର ରାଡାର ସିଷ୍ଟମ ଏବଂ ବାୟୁ ପ୍ରତିରକ୍ଷା ସିଷ୍ଟମକୁ ନଷ୍ଟ କରିବା ପାଇଁ ଡିଜାଇନ୍ କରାଯାଇଛି । ଏହି ଡ୍ରୋନ୍ ନିରୀକ୍ଷଣ ଏବଂ ସଠିକ୍ ଆକ୍ରମଣ ଉଭୟ କରିବାରେ ସକ୍ଷମ । ହାର୍ପି ଡ୍ରୋନକୁ ଫାୟାର ଆଣ୍ଡ ଫରଗେଟ୍ ମିସାଇଲ ମଧ କୁହାଯାଏ । କାରଣ ଆକ୍ରମଣ କରିବା ପରେ ଏହି ଡ୍ରୋନ୍ ନଷ୍ଟ ହୋଇଯାଏ । ଭାରତ ୨୦୦୦ ମସିହାରେ ଇସ୍ରାଏଲଠାରୁ ଏହି ଡ୍ରୋନ୍ କିଣିଥିଲା ।



ହାର୍ପି ଡ୍ରୋନ୍ ୧୯୮୦ ଦଶକରେ ଇସ୍ରାଏଲ୍ ଦ୍ୱାରା ବିକଶିତ ହୋଇଥିଲା । ଏହାକୁ ଶତ୍ରୁ ରାଡାର ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ଟାର୍ଗେଟ୍ କରି ଶତ୍ରୁ ବାୟୁ ପ୍ରତିରକ୍ଷା ମିଶନକୁ ଦମନ କରିବା ପାଇଁ ଡିଜାଇନ୍ କରାଯାଇଥିଲା । ଭାରତ ସମେତ ଅନେକ ଦେଶ ହାର୍ପିକୁ ନିଜ ସେନାରେ ରଖିଛନ୍ତି । ଏହାକୁ ନିଜେ କିମ୍ବା ଜଣେ ଅପରେଟର ଦ୍ୱାରା ପରିଚାଳିତ କରାଯାଇପାରିବ ।

ଏହି ଡ୍ରୋନ୍ ଘଣ୍ଟା ପ୍ରତି ସର୍ବାଧିକ ୧୮୫ କି.ମି. (୧୧୫ ମାଇଲ ପ୍ରତି ଘଣ୍ଟା) ବେଗରେ ଗତି କରିପାରିବ । ୫୦୦ରୁ ୧୦୦୦ କିଲୋମିଟର ଦୂରତା ଯାଏ ଏହା ଯାତ୍ରା କରିପାରିବ । ଆକାଶରେ ଉଡ଼ିବା ପରେ, ପ୍ରାୟ ଛଅରୁ ନଅ ଘଣ୍ଟା ପର୍ଯ୍ୟନ୍ତ ଆକାଶରେ ରହିପାରିବେ । ଏହି ଡ୍ରୋନଗୁଡ଼ିକ ନିଜ ସହ ୩୨ କିଲୋଗ୍ରାମ ପର୍ଯ୍ୟନ୍ତ ଅସ୍ତ୍ରଶସ୍ତ୍ର ନେଇପାରିବେ ।

## ସଂସଦରେ କାନ୍ଦିଲେ ସାହବାଜଙ୍କ ଦଳର ସାଂସଦ

### କହିଲେ 'ହେ ଆଲ୍ଲା ଆମକୁ ରକ୍ଷା କରନ୍ତୁ'...

ନୂଆଦିଲ୍ଲୀ: ଭାରତ ପକ୍ଷରୁ ଆତଙ୍କବାଦୀ ଆଡ୍ଡା ଉପରେ କରାଯାଇଥିବା ବିମାନ ଆକ୍ରମଣ ପରେ ପାକିସ୍ତାନରେ ଭୟର ବାତାବରଣ ଖେଳିଯାଇଛି । ପାକିସ୍ତାନ ଭୟ କରୁଛି ଯେ, ଭାରତ ପୁଣି ଥରେ ଆକ୍ରମଣ କରିପାରେ। ଏହି ସମୟରେ ପାକିସ୍ତାନର ନ୍ୟାସନାଲ ଆସେମ୍ବେଲିରେ ପିଏମଏଲଏନ (ପାକିସ୍ତାନ ମୁସଲିମ ଲିଗ୍-ଏନ) ସାଂସଦ ତାହିର ଇକବାଲ ଭୋ ଭୋ ହୋଇ କାନ୍ଦିଛନ୍ତି । ପିଏମଏଲଏନ ହେଉଛି ପାକ୍ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ଦଳ। ତାହିର ଇକବାଲ ପାକିସ୍ତାନୀ ସଂସଦରେ କହିଛନ୍ତି ଯେ, 'ହେ ଆଲ୍ଲା ଆମକୁ ରକ୍ଷା କରନ୍ତୁ'...



ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫଙ୍କ ସମେତ ଅନେକ ନେତା ଭାରତର କାର୍ଯ୍ୟାନୁଷ୍ଠାନକୁ ନେଇ ଭୟଭୀତ। ବୁଧବାର ଦିନ ଭାରତୀୟ ସେନା ପିଓକେ ଏବଂ ପାକିସ୍ତାନର ଅନେକ ଅଞ୍ଚଳରେ ବିମାନ ଆକ୍ରମଣ କରି ଆତଙ୍କବାଦୀ ଆଡ୍ଡା ଗୁଡ଼ିକୁ ଧ୍ୱଂସ କରିଦେଇଛି । ଏହା ପରେ, ଆତଙ୍କିତ ପାକିସ୍ତାନ ଭାରତୀୟ ସେନାର ଅନେକ ସାମରିକ ଘାଟିକୁ ଟାର୍ଗେଟ କରି ବିଫଳ ହୋଇଛି ।

ପାକିସ୍ତାନ ଭାରତର ୧୫ ଟି ସହରକୁ ଟାର୍ଗେଟ କରିବାକୁ ଏକ ବିଫଳ ପ୍ରୟାସ କରିଥିଲା, ଯେଉଁଥିରୁ ୭ ଟି ସହର ପଞ୍ଜାବର ଥିଲା। ଭାରତର ଏସ୍-୪୦୦ ଆକାଶରେ ହିଁ ପାକିସ୍ତାନର କ୍ଷେପଣାସ୍ତ୍ରକୁ ଧ୍ୱଂସ କରିଦେଇଥିଲା। ଗୁରୁବାର ଏକ ସର୍ବଦଳୀୟ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ, ପାକିସ୍ତାନ ଏବଂ ପାକ ଅଧିକୃତ କାଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀ ଶିବିର ଉପରେ ଅପରେସନ ସିନ୍ଦୂର ଅଧୀନରେ କରାଯାଇଥିବା କ୍ଷେପଣାସ୍ତ୍ର ଆକ୍ରମଣରେ ଅତି କମରେ ୧୦୦ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି।

ପ୍ରତିରକ୍ଷା ମନ୍ତ୍ରୀ ବୈଠକରେ ଉପସ୍ଥିତ ନେତାମାନଙ୍କୁ ଏହା ମଧ୍ୟ କହିଥିଲେ ଯେ ଏହା ଏକ ଚାଲୁଥିବା ଅଭିଯାନ ଏବଂ ଯଦି ଭାରତର ଲକ୍ଷ୍ୟଭେଦୀ ଆକ୍ରମଣ ପରେ ପାକିସ୍ତାନ କୌଣସି ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ, ତେବେ ଭାରତ ଏହାର ଉଚିତ ଜବାବ ଦେବ ।

## କନ୍ଧମାଳ ଜିଲ୍ଲା ପରିଷଦର ଷଷ୍ଠ ଅଧିବେଶନ ଅନୁଷ୍ଠିତ

**କନ୍ଧମାଳ :** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପରିଷଦ, କନ୍ଧମାଳର ଷଷ୍ଠ ଅଧିବେଶନ ଅଧ୍ୟକ୍ଷା, ଜିଲ୍ଲା ପରିଷଦ, କନ୍ଧମାଳ ସୁଶ୍ରୀ ନନ୍ଦିନୀ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି । ଏହି ଅବସରରେ ବିଧାୟକ, ଫୁଲବାଣୀ ଶ୍ରୀ ଉମା ଚରଣ ମଲ୍ଲିକ ଓ ବିଧାୟକ, ବାଲିଗୁଡା ଶ୍ରୀ ଚକ୍ରମଣି କହଁର ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ, ସଡ଼କ, ପାନୀୟଜଳ, ଭିନ୍ନକ୍ଷମ ଭତ୍ତା, ଆୟୁଷ୍ମାନ ଯୋଜନା ଆଦି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡିକର ସମୀକ୍ଷା କରିଥିଲେ ଏବଂ ଅଧାରେ ଥିବା ପ୍ରକଳ୍ପଗୁଡିକର କାର୍ଯ୍ୟକୁ ତ୍ୱରାନ୍ୱିତ କରି ଯଥାଶୀଘ୍ର ସମାପ୍ତ କରିବାକୁ କହିଥିଲେ । ସେହିପରି ଭାବରେ ଉପସ୍ଥିତ ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା ଓ ପଂଚାୟତ ସମିତି ଅଧ୍ୟକ୍ଷ ଅଧ୍ୟକ୍ଷା ନିଜ ଅଂଚଳର ବିଭିନ୍ନ ସମସ୍ୟାମାନ ଅଧିକାରୀମାନଙ୍କୁ ଅବଗତ କରାଇବା ସହିତ ଏହାର ଶୀଘ୍ର ସମାଧାନ ପାଇଁ ଅନୁରୋଧ କରିଥିଲେ । ଜିଲ୍ଲାପାଳ, କନ୍ଧମାଳ ଶ୍ରୀ ଅମ୍ରିତ୍ ରତୁରାଜ୍ ପ୍ରାରମ୍ଭିକ ଭାଷଣରେ ଜିଲ୍ଲାରେ ଚାଲିଥିବା ଏବଂ ଆଗକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ । ଏହି ଅଧିବେଶନକୁ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, କନ୍ଧମାଳ ଶ୍ରୀ ଶମ୍ଭୁନାଥ ନନ୍ଦୀ ପରିଚାଳନା କରିଥିଲେ ଏବଂ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ଶ୍ରୀ ଦୂର୍ଗା ମାଧବ ଆଚାର୍ଯ୍ୟ, ଉପାଧ୍ୟକ୍ଷ, ଜିଲ୍ଲାପରିଷଦ,କନ୍ଧମାଳ ଶ୍ରୀମତୀ ସାଧବାଣୀ ନାଏକ, ଏ.ପି.ଡି. ତଥା ଜିଲ୍ଲା ପଂଚାୟତ ଅଧିକାରୀ ଶ୍ରୀ ନରେନ୍ଦ୍ର ନାୟକ, ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ, ଜିଲ୍ଲା ପରିଷଦ କର୍ମକର୍ତ୍ତା ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ତୁରନ୍ତ ଲାହୋର ଛାଡ଼ିବାକୁ ନିର୍ଦ୍ଦେଶ ଦେଲା ଆମେରିକା



**ନୂଆଦିଲ୍ଲୀ:** ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବହୁ ଅଧିକ ବଢିଯାଇଛି । ପାକିସ୍ତାନ ଭାରତର କେତେକ ସହରକୁ ଟାର୍ଗେଟ କରିଥିଲା ମାତ୍ର ଭାରତୀୟ ଆର୍ମି ସବୁ ଆକ୍ରମଣକୁ ପଣ୍ଡ କରି ଦେଇଛି । ଏହା ମଧ୍ୟରେ ଆମେରିକା ପାକିସ୍ତାନରେ ଥିବା ନିଜ ନାଗରିକଙ୍କୁ ବଡ଼ ନିର୍ଦ୍ଦେଶ ଦେଇଛି । ୟୁଏସ ଲାହୋର ସମେତ ପୂରା ପାକିସ୍ତାନରେ ଉପସ୍ଥିତ ଥିବା ନିଜ ନାଗରିକଙ୍କୁ ତୁରନ୍ତ ଲାହୋର ଛାଡ଼ିବାକୁ ଦେଲା ନିର୍ଦ୍ଦେଶ ।

ଆମେରିକା ଏମ୍ବାସୀ ପାକିସ୍ତାନରେ ଥିବା ନାଗରିକଙ୍କ ଲାଗି ଆଡଭାଇଜରୀ ଜାରି କରିଛି । ସେଥିରେ ସେ କହିଛି କି ଲାହୋର ଏବଂ ତା'ର ଆଖପାଖରେ ଡ୍ରୋନ୍ ଆକ୍ରମଣର ଖବର ମିଳିଛି । ଏଠାରେ ଉପସ୍ଥିତ ସବୁ ଆମେରିକୀୟ ନାଗରିକ ଆଶ୍ରୟସ୍ଥଳୀକୁ ଚାଲିଯାଆନ୍ତୁ । ଯଦି କୌଣସି ପ୍ରକାର ଅସୁବିଧା ହେଉଛି ତେବେ ସମ୍ବନ୍ଧିତ ଅଥରିଟୀଙ୍କ ସହ କଥା ହୁଅ ଏବଂ ଖୁବଶୀଘ୍ର ସେଠାରୁ ବାହାରନ୍ତୁ ।

> ଆମେରିକା ଏମ୍ବାସୀ ପାକିସ୍ତାନରେ ଥିବା ନାଗରିକଙ୍କ ଲାଗି ଆଡଭାଇଜରୀ ଜାରି କରିଛି । ସେଥିରେ ସେ କହିଛି କି ଲାହୋର ଏବଂ ତା'ର ଆଖପାଖରେ ଡ୍ରୋନ୍ ଆକ୍ରମଣର ଖବର ମିଳିଛି । ଏଠାରେ ଉପସ୍ଥିତ ସବୁ ଆମେରିକୀୟ ନାଗରିକ ଆଶ୍ରୟସ୍ଥଳୀକୁ ଚାଲିଯାଆନ୍ତୁ ।

ପ୍ରକାଶ ଯେ, ଅପରେସନ ସିନ୍ଦୂର ପରେ ପାକିସ୍ତାନ ଆକ୍ରମଣାତ୍ମକ ହୋଇଯାଇଛି । ସେ ଭାରତର ୧୫ସହର ଉପରେ ଡ୍ରୋନରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା । କିନ୍ତୁ ଭାରତୀୟ ଏୟାର ଡିଫେନ୍ସ ସିଷ୍ଟମ ସବୁ ଆକ୍ରମଣକୁ ପଣ୍ଡ କରି ଦେଇଛି । ଅବନ୍ତୀପୁରା, ଶ୍ରୀନଗର, ଜମ୍ମୁ, ପଠାନକୋଟ, ଅମୃତସର, କପୂରଥଳା, ଜାଲନ୍ଧର, ଲୁଧିୟାନା, ଆଦମପୁର, ଭଟିଣ୍ଡା, ଚଣ୍ଡିଗଡ଼, ନଳ, ଫଲୌଦୀ, ଉତ୍ତରଲାଇ ଏବଂ ଭୂଜ ସହ ଉତ୍ତର ଏବଂ ପଶ୍ଚିମୀ ଭାରତରେ ଆକ୍ରମଣର ପ୍ରୟାସ କରାଯାଇଛି ।

## ଆଗ୍ରାରେ ହାଇଆଲର୍ଟ ଘୋଷଣା ସୁରକ୍ଷା କଡ଼ାକଡ଼ି

### ପାଦରେ ଚାଲିଚାଲି ଲୋକଙ୍କ ଭଲମନ୍ଦ ପଚାରି ବୁଝିଲା ପୁଲିସ

ନୂଆଦିଲ୍ଲୀ: ଅପରେସନ ସିନ୍ଦୂର ପରେ ଆଗ୍ରାରେ ହାଇ ଆଲର୍ଟ ଘୋଷଣା କରାଯାଇଛି। ପୁଲିସ ଏବଂ ପ୍ରଶାସନିକ ଅଧିକାରୀମାନଙ୍କୁ ସେନା ଅଧିକାରୀଙ୍କ ସହିତ ଯୋଗାଯୋଗରେ ରହିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।



ଏହି କ୍ରମରେ ମକ୍ ଡ୍ରିଲ୍ ସିରିଜ୍ ଆରମ୍ଭ ହୋଇଯାଇଥିବା ବେଳେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ସାଇରନ ବାଜିବ। ଅଗ୍ନିଶମ ବିଭାଗର ସମସ୍ତ କର୍ମଚାରୀଙ୍କ ଛୁଟିକୁ ବାତିଲ କରି ଦିଆଯାଇଛି ।ପୁଲିସ କମିଶନର ଦୀପକ କୁମାର ବୁଧବାର ଅପରାହ୍ନରେ ପୁଲିସ ଅଧିକାରୀଙ୍କ ଏକ ବୈଠକ ଡାକି ଏହି ନିର୍ଦ୍ଦେଶ ଦେଇଛନ୍ତି।

ଆଗ୍ରାରେ ହାଇ ଆଲର୍ଟ ଘୋଷଣା ହେବାପରେ ପୁଲିସ ମିଶ୍ରିତ ଜନବସତି ଥିବା ଅଞ୍ଚଳରେ ପାଦରେ ଚାଲିଚାଲି ପାଟ୍ରୋଲିଂ କରି ଲୋକଙ୍କ ଭଲମନ୍ଦ ପଚାରି ବୁଝିଥିଲା ।

କେବଳ ଏତିକି ନୁହେଁ ଏହି ବୈଠକରେ ସୋସିଆଲ ମିଡିଆ ସେଲକୁ ୨୪ ଘଣ୍ଟା ସକ୍ରିୟ ରହିବାକୁ କୁହାଯାଇଛି। ଯେଉଁ ପରିବାରର ସମ୍ପର୍କୀୟମାନେ ପାକିସ୍ତାନରେ ରହୁଛନ୍ତି ସେମାନଙ୍କ ସହିତ କୌଣସି ଭିଡିଓ ସେୟାର କରନ୍ତୁ ନାହିଁ ଯାହା ସମସ୍ୟା ସୃଷ୍ଟି କରିବ। ସୋସିଆଲ ଭାଇରାଲ୍ ମେସେଜ୍ ଏବଂ ଭିଡିଓ ଉପରେ ସତନ୍ତ୍ର ନଜର ରଖିବାକୁ ସୋସିଆଲ ମିଡିଆ ସେଲକୁ ନିର୍ଦ୍ଦେଶ ଦିଆଯାଇଛି।

ଏଥିସହିତ ଲୋକଙ୍କୁ ଅନୁରୋଧ କରି କୁହାଯାଇଛି ଯେ ସେନା ଗତିବିଧିର କୌଣସି ଭିଡିଓ ତିଆରି କରନ୍ତୁ ନାହିଁ କି ଏହାକୁ ସୋସିଆଲ ମିଡିଆରେ ସେୟାର କରନ୍ତୁ ନାହିଁ ।

### ପାକିସ୍ତାନକୁ ନେଇ ଏଆଇଏମ୍ଆଇଏମ୍ ନେତାଙ୍କ ବୟାନ

# ଭାରତର ମୁସଲମାନଙ୍କୁ ୧୫ ମିନିଟ୍ ପାଇଁ କ୍ଷମତା ଦିଅନ୍ତୁ ଧୂଳିରେ ମିଶାଇ ଦେବ

**ନୂଆଦିଲ୍ଲୀ:** ପହଲଗାମ୍‌ରେ ନିରିହ ପର୍ଯ୍ୟଟକଙ୍କୁ ହତ୍ୟା କରିବା ଏବେ ପାକିସ୍ତାନ ଓ ତା'ର ପୋଷା ଆତଙ୍କବାଦୀକୁ ଭାରି ପଡ଼ିଛି। 'ଅପରେସନ୍ ସିନ୍ଦୁର' ଜରିଆରେ ଭାରତ ଏବେ ପାକିସ୍ତାନ ଓ ପାକ୍ ଅଧିକୃତ କାଶ୍ମୀରରେ ଆତଙ୍କବାଦୀଙ୍କ ଆଡ୍ଡାରେ ଘାତକ ହମଲା କରି କଡା ଜବାବ୍ ଦେଇଛି। ୨୨ ଏପ୍ରିଲରେ ହୋଇଥିବା ପହଲଗାମ୍ ହମଲା ପରେ ଭାରତର ପ୍ରତିଟି ନାଗରିକଙ୍କ ରକ୍ତ ଗରମ୍ ହୋଇଯାଇଥିଲା। ସମସ୍ତେ କେନ୍ଦ୍ର ସରକାରଙ୍କୁ କଡା କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏବେ ଏହା ଭିତରେ ଅଲ୍ ଇଣ୍ଡିଆ ମଜଲିସ୍ ଇ-ଇତେହାଦୁଲ୍ ମୁସିଲିନି ନେତା ଦେଇଛନ୍ତି ବଡ଼ ବୟାନ। ସେ କହିଛନ୍ତି ପାକିସ୍ତାନକୁ ଉଚିତ ଶିକ୍ଷା ଦେବା ପାଇଁ ଭାରତୀୟ ମୁସଲମାନଙ୍କୁ ୧୫ ମିନିଟ୍ କ୍ଷମତା ଦିଅନ୍ତୁ।



ଏଆଇଏମ୍ଆଇଏମ୍‌ର ଦିଲ୍ଲୀ ଅଧ୍ୟକ୍ଷ ଶୋଏବ ଜମଇ ପାକିସ୍ତାନ ଉପରେ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଭାରତର ମୁସଲମାନଙ୍କୁ ମାତ୍ର ୧୫ ମିନିଟ୍ ପାଇଁ କ୍ଷମତା ଦିଅନ୍ତୁ। ଆମେ କହିଦେବୁ ପାକିସ୍ତାନକୁ କିଭଳି ଧୂଳିରେ ମିଶାଇ ଦେବୁ। ଏକ ୟୁଟ୍ୟୁବ୍ ଚାନେଲରେ ଇଣ୍ଟରଭ୍ୟୁ ଦେଇ ଶୋଏବ୍ କହିଛନ୍ତି ପାକିସ୍ତାନର ଏହି ଇତିହାସରେ ରେକର୍ଡ ହୋଇ ରହିଯିବ।ଏହା ବହୁତ ବଡ଼ ମାଇଲଷ୍ଟୋନ୍। ବହୁ ଦିନ ପରେ ପାକିସ୍ତାନରେ ଆତଙ୍କୀ ଆଡ୍ଡା ଧ୍ୱଂସ ହୋଇଛି। ଏବେ ଭାରତ ଉପରେ ଆଖି ପକାଉଥିବା ଲୋକଙ୍କ ଆଖିକୁ ତାଡିଦେବାର ସମୟ ଆସିଛି।

ଏହା ପୂର୍ବରୁ ଏଆଇଏମ୍ଆଇଏମ୍‌ର ମୁଖ୍ୟ ଅସଦୁଦ୍ଦିନ୍ ଓୱେସୀ ପହଲଗାମ୍ ହମଲା ନେଇ ପାକିସ୍ତାନ ଉପରେ ପ୍ରବଳ ଅସନ୍ତୋଷ ବ୍ୟକ୍ତି କରିଛନ୍ତି। ପାକିସ୍ତାନ ମୁର୍ଦାବାଦ, ଭାରତ ଜିନ୍ଦାବାଦ ନାରା ଲଗାଉଥିବା ନେଇ ଓୱେସୀଙ୍କ ଭିଡିଓ ଭାଇରାଲ ହେଉଛି। ଏହାଛଡା ସେ 'ଅପରେସନ୍ ସିନ୍ଦୁର'କୁ ମଧ ସ୍ୱାଗତ କରିଥିଲେ।

## ଜଗନ୍ନାଥ ସାଗର ପୁନଃ ଉଦ୍ଧାର କାର୍ଯ୍ୟ ଆରମ୍ଭ

**ଜୟପୁର:** ଜୟପୁର ସ୍ଥିତ ଜଗନ୍ନାଥ ସାଗର ରେ ବିଧାୟକ ତାରା ପ୍ରସାଦ ବାହିନିପତ ଓ କୋରାପୁଟ ଜିଲାପାଳ ଭି କିତ୍ତି ଭାସନ ଆଜି ନଡିଆ ଭାଙ୍ଗି କାଯ୍ୟର ଶୁଭାରମ୍ଭ କରିଥିଲେ । କାଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲପାଳ ଆକା ବରମ ଶଶ୍ୟା ରେଡ୍ଡି, ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଅତିରିକ୍ତ ପୌର କାଯ୍ୟନିବାହୀ ଅଧିକାରି କୃତିବାସ ସାହୁ, ପୌର କନିଷ୍ଠ ଯନ୍ତ୍ରୀ ପ୍ରତାପ ଆଚାଯ୍ୟ, ଅଜୟ ଜାନୀ ପ୍ରମୁଖ ଉପସ୍ଥିତ ଥିଲେ । ଦ୍ୱିତିୟ ପଯ୍ୟାୟର ଦ୍ରବ୍ୟ ଓ ସେବା କର ମିଶାଇ ଅଟକଳ ମୁଲ୍ୟ ୯ କୋଟି ୪୫ ଲକ୍ଷ ଟଙ୍କା ରହିବା ବେଳେ ସରକାର ଙ୍କ ଠାରୁ ଅନୁମୋଦିତ ହୋଇ ପୌରପରିଷଦକୁ ପ୍ରେରଣ କରାଯାଇଛି । ଟେଣ୍ଡର ମାଧ୍ୟମରେ କୋକସରାର ଏକ ଠିକା ସଂସ୍ଥାକୁ କାଯ୍ୟଦେଶ ଦିଆଯାଇଛି ।

## ନାଇଟିଙ୍ଗେଲଙ୍କ ଜନ୍ମଦିନ ଓ ନର୍ସିଙ୍ଗସ୍କୁଲର ବାର୍ଷିକ ଉତ୍ସବ

ପୁରୀ: ପୂର୍ଣ୍ୟାତ୍ମ ମହିୟସୀ ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କର ୨୦୫ତମ ଜନ୍ମ ସପ୍ତାହ ଏବଂ **ବାଲିଗୁ**ଆଲିସ୍ଥିତ ପ୍ରିୟଙ୍କା ଦେବୀ ଗ୍ରୁପ ଅଫ ଇନଷ୍ଟିଚୁସନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରିୟଙ୍କା ଦେବୀ କଲେଜର ଅଧ୍ୟକ୍ଷା କମଳା ପଣ୍ଡା ଙ୍କ ପୌରହିତ୍ୟ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କ ଅଭିଭାଷଣ ରେ ନର୍ସିଂ ଏକ ସର୍ବୋତ୍କୃଷ୍ଟ ସେବା ଏଂ ତ୍ୟାଗ ଏଂ ଆତ୍ମୋତ୍ସଚାର ବାର୍ତ୍ତା ଦିଏ। ଏହା ସମାଜର ଉପାନ୍ତର ସର୍ବୋଚ୍ଚ ଶିଖର ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତି ବିଶେଷ ତଥା ଜରାଜୀର୍ଣ୍ଣ ବ୍ୟାଧି ଗ୍ରସ୍ତ ମନୁଷ୍ୟ ର ଉପଶମ ର ମାର୍ଗ ପ୍ରଶସ୍ତ କରାଯାଇଥାଏ ବୋଲି ବକ୍ତବ୍ୟ ରଖିଥିଲେ।

ପୁରୀ ବିଧାନ ସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ମହୋଦୟ ସମ୍ମାନିତ ଅତିଥି ଏବଂ ମନୋଜ କୁମାର ତ୍ରିପାଠୀ (ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ )ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସମାଜର କଲ୍ୟାଣରେ ନର୍ସିଂ ସେବାର ଭୂମିକା ଏବଂ ତାର ବିଶିଷ୍ଟତା ଉପରେ ଆଲୋକପାତ କରିଥିଲେ। ଅବସପ୍ରାପ୍ତ ସହକାରୀ ନର୍ସିଂ ଅଧିକ୍ଷକା ସବିତା କୁମାରୀ ପତି ତାଙ୍କ ଜୀବନର ସେବାନୁଭୂତି ବିଷୟରେ ଅବଧାରଣା ଦେଇଥିଲେ।

ପ୍ରିୟଙ୍କା ଦେବୀ ସ୍କୁଲ ଅଫ ନର୍ସିଂର ଅଧ୍ୟକ୍ଷା ପାର୍ବତୀ ପରିଡ଼ା ଛାତ୍ରଛାତ୍ରୀ ସେବାନୁଭୂତି ହେବା ପାଇଁ ପ୍ରୋତ୍ସାହିତ କରିବା ସହ ଅଧ୍ୟାପିକା ସୋନାଲି ପ୍ରଧାନ ଶପଥ ପାଠ କରାଇଥିଲେ। ସଭାକାର୍ଯ୍ୟ ସୁବ୍ୟବସ୍ଥିତ ଭାବେ ପରିଚାଳନା ହୋଇଥିଲା। ଏହି ଅବସରରେ ବାର୍ଷିକ ପତ୍ରିକା 'ପ୍ରଜ୍ଞା ପ୍ରବାହ'ର ଦ୍ୱିତୀୟ ସଂସ୍କରଣ ଉନ୍ମୋଚିତ ହୋଇଥିଲା।

ଗ୍ରୁପ୍ ଅଫ୍ ଇନ୍ସ୍ଟିଚ୍ୟୁସନର ନିର୍ଦ୍ଦେଶକ ଡ଼ା ବାବୁଲା ବେହେରା ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିବା ବେଳେ ବିଶିଷ୍ଟ ନାଟ୍ୟକାର ତଥା ଉପସ୍ଥାପକ କୁମୁଦ ଶତପଥୀ ମଞ୍ଚପରିଚଳନ କରିଥିଲେ।

## ରାଶିଫଳ

**ମେଷ :** ଶୁକ୍ଳପକ୍ଷର ଦ୍ୱିତୀୟ ଚନ୍ଦ୍ର ଯୋଗୁ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ। ଆୟ ଯେତେ ଅଧିକ ହେଲେ ମଧ ମନରେ ଆତ୍ମତୃପ୍ତି ମିଳିବ ନାହିଁ । ଧନ ଓ ସଞ୍ଚୟ ମନରେ ଅଧିକ ଦୁର୍ବଳତା ପ୍ରକାଶ ପାଇବ।

**ବୃଷ :** ଶ୍ରୀଚନ୍ଦ୍ର ଯୋଗୁ ଧନ, ମାନ, ସମ୍ମାନ, ଖ୍ୟାତି, ପ୍ରତିପତ୍ତି ବୃଦ୍ଧି ପାଇବ ଏବଂ ସୁଖାଦ୍ୟ, ସୁବସନ ପ୍ରାପ୍ତି ହେବ। ମନରେ ପ୍ରସନ୍ନତା, ପରିବାରରେ ସୁଖଶାନ୍ତି ଏବଂ କୌଣସି ମାଙ୍ଗଳିକ କର୍ମରେ ଯୋଗଦେବେ।

**ମିଥୁନ :** ଘାତବାର ଓ ଶୁକ୍ଳପକ୍ଷର ଦ୍ୱାଦଶ ଚନ୍ଦ୍ର ଯୋଗୁ ମନରେ ଦୁଶ୍ଚିନ୍ତା, ଦୁର୍ଭାବନା ଓ ହତୋତ୍ସାହ ଭାବ ପ୍ରକାଶ ପାଇବ ଏବଂ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବାରେ ଅସମର୍ଥ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅପେକ୍ଷା ବ୍ୟୟ ଅଧିକ ରହିବ ।

**କର୍କଟ :** ଏକାଦଶ ଚନ୍ଦ୍ର, ସୋମବାର ଓ ନବମୀ ତିଥି ଯୋଗୁ ଧନ, ସମ୍ପଦ, ପ୍ରାଚୁର୍ଯ୍ୟ ବୃଦ୍ଧି ପାଇବ ଏବଂ ସମସ୍ତ ଆଶା, ଆକାଂକ୍ଷା ଓ ଅଭିଳାଷ ପୂର୍ଣ୍ଣ ହେବ। ସୁଖ, ସମ୍ପଦ, ଐଶ୍ୱର୍ଯ୍ୟ ହାତ ପହାନ୍ତାରେ ଉପଲବ୍ଧ ହେବ ଏବଂ ଉନ୍ନତିମୂଳକ କର୍ମରେ ଅଧିକ ଆଗ୍ରହ ରହିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ।

**ସିଂହ :** ଦଶମ ଚନ୍ଦ୍ର ଯୋଗୁ ଭାଗ୍ୟ ଅପେକ୍ଷା କର୍ମରେ ଅଧିକ ବିଶ୍ୱାସ ରହିବ ଏବଂ କର୍ମରେ ଅଧିକ ଧ୍ୟାନ ଦେବେ। ଆଜି ଯେକୌଣସି କର୍ମ ଆରମ୍ଭ କରିବେ ସେଥିରେ ସଫଳତା ଆଶାଠାରୁ ଅଧିକ ମିଳିବ।

**କନ୍ୟା :** ନବମ ଚନ୍ଦ୍ର, ନବମୀ ତିଥି ଯୋଗୁ ଉଚ୍ଚ ସମ୍ମାନ, ଉଚ୍ଚ ପଦବୀ, ଗୁରୁଜନଙ୍କ କୃପା, କ୍ଷମତାଶାଳୀ ବ୍ୟକ୍ତିଙ୍କ ସହାୟତା ଏବଂ ରାଜନୈତିକ ବ୍ୟକ୍ତିଙ୍କ ଶୁଭଦୃଷ୍ଟିରେ ରହିବେ। ଗୁରୁଜନଙ୍କ ପ୍ରତି ଦୟା ଓ ଲଘୁଜନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଭାବ ପ୍ରକାଶ ପାଇବ।

**ତୁଳା :** ଅଷ୍ଟମ ଚନ୍ଦ୍ର ତୁଳା ରାଶି ପାଇଁ ବିଶେଷ ବାଧକ ନ ହେଲେ ମଧ ଏବଂ ସମସ୍ତ କର୍ମରେ, ବ୍ୟବସାୟରେ ମଧ୍ୟମ ଧରଣର ଫଳ ମିଳିଲେ ମଧ ମନରେ ଆତ୍ମସନ୍ତୋଷ ମିଳିବ ନାହିଁ ଏବଂ ଆୟ ତୁଳନାରେ ବ୍ୟୟ ମଧ ସେହି ଅନୁସାରେ ହେବ ।

**ବିଛା :** ଘାତଚନ୍ଦ୍ର ଯୋଗୁ ଅପରିଚିତ ମହିଳାଙ୍କଠାରୁ ଅପମାନ କିମ୍ବା ତାଙ୍କ ସହ ବିବାଦ ହୋଇପାରେ। ମାନ, ସମ୍ମାନ ହାନି, ମାନସିକ ଦୁଶ୍ଚିନ୍ତା ଏବଂ ପରିବାରରେ ଅଶାନ୍ତିର ଝଡ଼ ଦେଖାଦେବ। ଦାମ୍ପତ୍ୟ ଜୀବନରେ ଅଶାନ୍ତି କିମ୍ବା ଧର୍ମପତ୍ନୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ସ୍ୱଳ୍ପ ହେବ ।

**ଧନୁ :** ଷଷ୍ଠ ଚନ୍ଦ୍ର ଯୋଗୁ ମନରେ ପ୍ରସନ୍ନତା ଏବଂ ସମସ୍ତଙ୍କୁ ବଶୀଭୂତ କରିବାର ଶକ୍ତି ଜାଗ୍ରତ ହେବ। ବାଣିଜ୍ୟ ଓ ପରିବହନରେ ଆୟ ଉତ୍ତମ ହେବ ଏବଂ ବ୍ୟବସାୟର ଶାଖା ବଢ଼ାଇବା ପାଇଁ ଉଦ୍‌ଯୋଗ କରିବେ।

**ମକର :** ଶୁକ୍ଳପକ୍ଷର ପଞ୍ଚମ ଚନ୍ଦ୍ର ଯୋଗୁ ଯଶ, ସମ୍ମାନ, ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ସନ୍ତାନମାନେ ଆଜ୍ଞାଧୀନ ହେବେ ଏବଂ ତାଙ୍କ କର୍ମକୁ ନେଇ ଗର୍ବ ଅନୁଭବ କରିବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ।

**କୁମ୍ଭ :** ଶୁକ୍ଳପକ୍ଷର ଚତୁର୍ଥ ଚନ୍ଦ୍ର ଯୋଗୁ ଧନକ୍ଷତି, ମାନସିକ ଅସ୍ଥିରତା, ପରିବାରରେ ବିବାଦ, ଯାନବାହନରେ ଖର୍ଚ୍ଚାନ୍ତ ଏବଂ ମାଲିମକଦ୍ଦମାରେ ପଡ଼ିପାରନ୍ତି । ପରିବହନ ବ୍ୟବସାୟରେ ଅଧିକ କ୍ଷତି ଏବଂ ବାଣିଜ୍ୟ, ବ୍ୟବସାୟରେ ଆୟ ସ୍ୱଳ୍ପ ହେବ।

**ମୀନ :** ଶୁକ୍ଳପକ୍ଷର ତୃତୀୟ ଚନ୍ଦ୍ର, ସୋମବାର ଓ ରବିଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ମନରେ ଉତ୍ସାହ, ଉଦ୍ଦୀପନା, ପରିବାରରେ ସୁଖଶାନ୍ତି ଏବଂ ଭାଇ, ଭଉଣୀଙ୍କ ପ୍ରତି ସ୍ନେହଶ୍ରଦ୍ଧା ଭାବ ପ୍ରକାଶ ପାଇବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ଏବଂ ବ୍ୟବସାୟର ଶାଖା ବଢ଼ାଇବା ପାଇଁ ଉଦ୍ୟମ କରିବେ ।

# ମାତୃଭାଷା

କଟକ, ଶୁକ୍ରବାର, ମେ - ୯, ୨୦୨୫ ପୃଷ୍ଠା: ୪


## ୫ ଟି କାରଣରୁ ଅପରେସନ ସିନ୍ଦୁରର ଜବାବ ଦେବାକୁ ପାକିସ୍ତାନ ଡରୁଛି

ନିକଟରେ ୨୨ ଏପ୍ରିଲରେ ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତ ମଙ୍ଗଳବାର ରାତିରେ 'ଅପରେସନ୍ ସିନ୍ଦୂର' ଅଧୀନରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀର (ପିଓକେ)ରେ ନଅଟି ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରିଛି। ଭାରତୀୟ ବାୟୁସେନାର ଏହି ସଠିକ୍ କାର୍ଯ୍ୟାନୁଷ୍ଠାନ ପରେ ପାକିସ୍ତାନ ପକ୍ଷରୁ କୌଣସି ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫ ନିଜେ ଏକ ଟିଭି ସାକ୍ଷାତକାରରେ ସ୍ୱୀକାର କରିଛନ୍ତି ଯେ ଭାରତ ପକ୍ଷରୁ ଆଉ କୌଣସି କାର୍ଯ୍ୟାନୁଷ୍ଠାନ ନହେଲେ ପାକିସ୍ତାନ କୌଣସି ସାମରିକ ଜବାବ ଦେବେ ନାହିଁ। ପାକିସ୍ତାନର ଏହି ନୀରବତା ଏବଂ ହଠାତ୍ ଆଭିମୁଖ୍ୟ ପରିବର୍ତ୍ତନ ଅନେକ ପ୍ରଶ୍ନ ଉଠାଇଛି। ମୋଟ ୫ ଟି ବଡ କାରଣ ଯୋଗୁ ପାକିସ୍ତାନ ଏପରି ନୀରବତା ପାଳନ ଲାଗି ବାଧ ହୋଇଛି।ଏଠାର ସେହି ୫ଟି ଗୁରୁତ୍ୱପୂର୍ଣ୍ଣ କାରଣ ଉପରେ ଆଲୋକପାତ କରାଯାଉଛି, ଯାହା ପାକିସ୍ତାନର ଏହି 'ଥଣ୍ଡା ମନୋଭାବ' ପଛରେ ପ୍ରକୃତ କାରଣ ଭାବରେ ଉଭା ହୋଇଛି।

ପାକିସ୍ତାନ ଯେତେ ଦାବି କଲେ ମଧ, ବାସ୍ତବତା ହେଉଛି ଯେ ଏହା ଭାରତର ସାମରିକ ଶକ୍ତି ଆଗରେ କୌଣସି ପ୍ରକାରେ ତିଷ୍ଟି ପାରିବ ନାହିଁ। ସ୍ୱିଡେନର ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନ ଏସ୍,ଆଇ,ପି,ଆର୍ ,ଆଇ,(ଝଓଚଜଓ)ର ସଦ୍ୟତମ ରିପୋର୍ଟ ଅନୁଯାୟୀ, ୨୦୨୪ ମସିହାରେ ଭାରତର ସାମରିକ ଖର୍ଚ୍ଚ ୮୬ .୧ ବିଲିୟନ ଡଲାର ହେବ, ଯାହା ପାକିସ୍ତାନର ୧୦.୨ ବିଲିୟନ ଡଲରଅପେକ୍ଷା ପ୍ରତଧ୍ ଗୁଣ ଅଧିକ। କେବଳ ଏତିକି ନୁହେଁ, ଦୁଇ ଦେଶ ମଧରେ ଏପର୍ଯ୍ୟନ୍ତ ହୋଇଥିବା ସମସ୍ତ ଯୁଦ୍ଧରେ ପାକିସ୍ତାନ ପରାଜୟର ସମ୍ମୁଖୀନ ହୋଇଛି। ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ସାମରିକ ଶକ୍ତି, ଯେତେବେଳେ ପାକିସ୍ତାନ ଏହି ତାଲିକାରେ ବହୁତ ପଛରେ ଅଛି। ପାକିସ୍ତାନର ସ୍ଥାନ ହେଉଛି ଦ୍ୱାଦଶ।

ପାକିସ୍ତାନ ଏକ ଗମ୍ଭୀର ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛି। ବିଶ୍ୱ ଅର୍ଥନୀତିର ତଥ୍ୟ ଅନୁଯାୟୀ, ପାକିସ୍ତାନର ଜିଡିପି ମାତ୍ର ୩୫୦ ବିଲିୟନ ଡଲାର, ଯେତେବେଳେ କି ଭାରତର ଅର୍ଥନୀତି ପ୍ରାୟ ୪ ଲକ୍ଷ କୋଟି ଡଲାର ଛୁଇଁବାକୁ ଯାଉଛି। ଏହା ବ୍ୟତୀତ, ପାକିସ୍ତାନର ମୋଟ ବାହ୍ୟ ଋଣ ଏହାର ଜିଡିପି ର ୪୨ ପ୍ରତିଶତ। ଦେଶରେ ମୁଦ୍ରାସ୍ଫୀତି ଏବଂ ବେକାରୀ ଶୀର୍ଷରେ ପହଞ୍ଚିଛି, ଏବଂ ସାଧାରଣ ନାଗରିକମାନେ ସେମାନଙ୍କର ମୌଳିକ ଆବଶ୍ୟକତା ମଧ ପୂରଣ କରିପାରୁନାହାଁନ୍ତି।

ପାକିସ୍ତାନ ଭୟ କରୁଛି ଯେ ଯଦି ସେ ଯୁଦ୍ଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ, ତେବେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଏବଂ ବିଶ୍ୱ ବ୍ୟାଙ୍କ ଭଳି ବିଶ୍ୱ ଆର୍ଥିକ ପ୍ରତିଷ୍ଠାନ ଏହାକୁ ଦିଆଯାଉଥିବା ଆର୍ଥିକ ସହାୟତା ବନ୍ଦ କରିଦେଇପାରନ୍ତି। ମେ ୯ ତାରିଖରେ ମୁଦ୍ରା ପାଣ୍ଠିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବାକୁଯାଉଛି, ଯେଉଁଥିରେ ପାକିସ୍ତାନକୁ ୧.୩ ବିଲିୟନ ଡଲାରର ସହାୟତା ମିଳିବ କି ନାହିଁ ସେ ବିଷୟରେ ନିଷ୍ପତ୍ତି ନିଆଯିବ। ଏପରି ସମୟରେ ସାମରିକ ମୁକାବିଲା ଆଡକୁ ଗତି କରିବା ପାକିସ୍ତାନ ପାଇଁ ଆର୍ଥିକ ଆତ୍ମହତ୍ୟା ପ୍ରମାଣିତ ହୋଇପାରେ।

ଭାରତର ବିମାନ ଆକ୍ରମଣ ପରେ ପାକିସ୍ତାନର ସେୟାର ବଜାର ଦ୍ରୁତ ଗତିରେ ହ୍ରାସ ପାଇଥିଲା। ଏପ୍ରିଲ ୨୨ ପରଠାରୁ, କେ,ଏସ୍,ଇ,-୧୦୦ ସୂଚକାଙ୍କ ୧୧,୦୦୦ ପଏଣ୍ଟ ହ୍ରାସ ପାଇଛି। ବିମାନ ଆକ୍ରମଣର ଦିନ ପରେ, ବଜାର ଖୋଲିବା ମାତ୍ରେ, ୬ ହଜାର ପଏଣ୍ଟର ଏକ ବଡ଼ ହ୍ରାସ ଘଟିଥିଲା ଏବଂ ସୂଚକାଙ୍କ ୧,୧୩,୫୬୮ ରୁ ୧,୦୭,୨୯୬ କୁ ଖସି ଆସିଥିଲା। ଏହା ଦେଶର ବୁଡିଯାଉଥିବା ଅର୍ଥନୀତି ଏବଂ ନିବେଶକଙ୍କ ବିଶ୍ୱାସ ହ୍ରାସ ପାଇବାର ସ୍ପଷ୍ଟ ସୂଚନା।

ପହଲଗାମ ଆକ୍ରମଣ ପରେ ପାକିସ୍ତାନ ଏହାର ପାରମ୍ପରିକ ବନ୍ଧୁ ଦେଶ ଏବଂ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଠାରୁ ସାହାଯ୍ୟ ଲୋଡ଼ିଥିଲା। ପାକିସ୍ତାନର ଅର୍ଥମନ୍ତ୍ରୀ ନିଜେ ସ୍ୱୀକାର କରିଛନ୍ତି ଯେ ସେ ଚୀନକୁ ୩୦ ବିଲିୟନ ୟୁଆନର ସ୍ୱାପ୍ ଲାଇନକୁ ୪୦ ବିଲିୟନ ୟୁଆନକୁ ବୃଦ୍ଧି କରିବାକୁ ଅନୁରୋଧ କରିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଚୀନ୍ ପକ୍ଷରୁ କୌଣସି ସ୍ପଷ୍ଟ ଉତ୍ତର ମିଳିନାହିଁ। ଏହାକୁ ପାକିସ୍ତାନ ପାଇଁ ଏକ ବଡ଼ କୂଟନୈତିକ ବିପର୍ଯ୍ୟୟ ବୋଲି ବିବେଚନା କରାଯାଉଛି। ମୁଖ୍ୟତଃ ଏହି ୫ ଟି ଭୟଜନିତ କାରଣ ପାକିସ୍ତାନକୁ ? ଭାରତ ବିରୋଧରେ ଯୁଦ୍ଧ କାର୍ଯ୍ୟାନୁଷ୍ଠାନ ଲାଗି ଭୟଭୀତ କରୁଛି। ଏଣୁ ପାକିସ୍ତାନ ବର୍ତ୍ତମାନ ସମୟରେ ହାତରେ ହାତ ଛନ୍ଦି ବସିରହିବିକୁ ବାଧ ହୋଇଛି। କେବଳ ମୁଖ ଲଜ୍ୟାରୁ ରକ୍ଷା ପାଇବା ଲାଗି ଏମିତି କରିଦେବ ଆଉ ସେମିତି କରିଦେବ ବୋଲି ବୋବାଳି ଛାଡୁଛି ।

## ତୁମ ଠୁ ଆରମ୍ଭ, ତୁମଠି ଶେଷ

**ଡାକ୍ତର ସମ୍ରାଟ କର**

ହେ ମହାପ୍ରଭୁ ! ତୁମେ ହିଁ ସୃଷ୍ଟି, ତୁମେ ହିଁ ସ୍ରଷ୍ଟା। ତୁମଠୁ ଆରମ୍ଭ, ତୁମଠି ଶେଷ। ଅନନ୍ତ ରହସ୍ୟ, ଅନ୍ତହୀନ ବିଶ୍ୱାସ। ଅଗତିର ଗତି ପ୍ରଭୁ, ଦୀନବନ୍ଧୁ ଦଇତାରି। ତୁମେ ଦେବତା ହେଲେ ମଧ ତୁମ ଭିତରେ ପୁରି ରହିଛି ତମାମ ମଣିଷ ପଣିଆ। ଆମପରି ତୁମେ ବି ବଡ଼ି ଭୋରରୁ ଉଠ, ସ୍ନାନ, ମାଜଣା କର ସକାଳଠୁ ବିଶ୍ରମକୁ ଯିବା ପର୍ଯ୍ୟନ୍ତ ଷାଠିଏ ପଉଟି ଭୋଗ ନୈବେଦ୍ୟ ହୋଇଥାଏ। ରାତିରେ ନିଦ ଯାଅ ଆଉ ବର୍ଷର ବିଭିନ୍ନ ଋତୁ ଅନୁଯାୟୀ କେବଳ ବେଶ ବଦଳାଇ ନଥାଅ ବରଂ ଭିନ୍ନ ଭିନ୍ନ ପୋଷାକ ପିନ୍ଧ ଆଉ ଆଚରଣରେ ତ ସେ ଠିକ ଆମ ଭଳି। ସେ ହେଉଛନ୍ତି ଦଇତା ମାନଙ୍କର ଜ୍ଞାତି, ବନ୍ଧୁ ଆଉ କୁଟୁମ୍ବ ଓ ସହୋଦର। ଠିକ ଏଇଥିପାଇଁ ତୁମର ନବକଳେବର ସମୟରେ ଦଇତାମାନେ ତୁମ ନିମିତ୍ତ ଶୌଚ ହୁଅନ୍ତି, ଶୁଦ୍ଧିକ୍ରିୟା ପାଳନ କରିଥାନ୍ତି ସତରେ ମଣିଷରୂପୀ ଏପରି ଦେବତା ସମଗ୍ର ବିଶ୍ୱରେ ବିରଳ।

ତୁମେ ଓଡ଼ିଆ ଜାତିର କୁଳ ଦେବତା। ଆମ ସତ୍ତା, ଭାବ, ଭକ୍ତି, ଶକ୍ତି, ଶ୍ରୀଜଗନ୍ନାଥ। ହେ ଦାରୁ ଦେବତା ! ସବୁ ତୁମରି ଲୀଳା। ତୁମେ ଇଚ୍ଛା କଲ, ଶବର ଦେବତାରୁ ହେଲ ବିଶ୍ୱ ନିୟନ୍ତା। ଆଜି ତୁମରି ଇଚ୍ଛାରେ ବିଶ୍ୱ ଦେଖୁଛି ନୂଆ ଶ୍ରୀକ୍ଷେତ୍ର। କାଳିଆ ସାଆନ୍ତ, ତୁମେ ଭକ୍ତର ଭଗବାନ। ରତ୍ନ ସିଂହାସନରେ ତୁମ ଦର୍ଶନ ପାଇଁ ପୁରୀ ଧାଇଁ ଆସେ ଭକ୍ତ। ଦର୍ଶନ କରେ, ମନ ପୁରେନି। ଅଭାବବୋଧକୁ ଧରି ଘରକୁ ଫେରେ।

କଥା କହିବା, ଜନ୍ମ ଯନ୍ତ୍ରଣା ସହିବା ଆଉ ଜୀବନ ବୋଝ ବୋହିବା ପାଇଁ ଯିଏ ଶକ୍ତି ଦିଏ, ଜୀବନ ଡଙ୍ଗା ବାହିବା ପାଇଁ ଯିଏ ବଳ ଦିଏ ଜୀବନ ଚକ୍ରକୁ ମୁକ୍ତି ନିମିତ୍ତ ଯିଏ ମାର୍ଗ ଦେଖାଇଥାଏ ସିଏ ହେଉଛନ୍ତି ଶଙ୍ଖନାଭି ମଣ୍ଡଳରେ ରହିଥିବା ଜଗନ୍ନାଥ। କବିର କବିତାରେ, ନାଟକର ସଂଳାପରେ, ଧାରାବାହିକ ଭାଷ୍ୟକାରଙ୍କ ଭାବ ବିଶ୍ଳେଷଣରେ ସବୁଠି, ସବୁ କ୍ଷେତ୍ରରେ, ସବୁ ରୂପରେ, ସବୁ ଭାବରେ ତାଙ୍କ କରୁଣାର ଧାରା ପ୍ରବାହିତ ହୋଇଥାଏ। ମହାକୁମ୍ଭ ଘାଟରୁ ଦୁନିଆର ହାଟ ପର୍ଯ୍ୟନ୍ତ ଯାହାଙ୍କ ମହିମା, କରୁଣା, ଲୀଳା ବିସ୍ତାରିତ ସେ ହେଉଛନ୍ତି ଆମ କୋଟି ଓଡ଼ିଆଙ୍କ ଆରାଧ ମହାପ୍ରଭୁ ଶ୍ରୀଜଗନ୍ନାଥ। ଓଡ଼ିଶାର ସାମାଜିକ ଜୀବନ ଚେତନାରେ ସବୁଠି, ସବୁକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ପ୍ରଭାବ ସୁଦୂର ପ୍ରସାରୀ। ଓଡ଼ିଶାର ଜାତୀୟ ଦେବତା ଭାବରେ ଗୃହୀତ ହେବା ପରେ ଜଗନ୍ନାଥ ଏକ ସର୍ବବ୍ୟାପୀ ଚେତନା ହୋଇ କୋଟି ଓଡ଼ିଆଙ୍କ ମାନସରେ ପ୍ରସାର ଲାଭ କରିଛନ୍ତି। ଯାହାଦ୍ୱାରା ତାଙ୍କ ପବିତ୍ର ନାମଟି ତୁଣ୍ଡରେ ଧରିବା ମାତ୍ରେ ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଣରେ ଖେଳିଯାଏ ଅବର୍ଣ୍ଣନୀୟ ଶିହରଣ, ଆଧ୍ୟାତ୍ମିକତାର ଉନ୍ମାଦନା ଆଉ ଭାବ ବିନୋଦର ଅମୃତ ସ୍ପର୍ଶ।

ପ୍ରତିଟି ଓଡ଼ିଆ ସିଏ ଯେଉଁଠି ରୁହନ୍ତୁ ନା କାହିଁକି ତାଙ୍କ ସକାଳର ପ୍ରଥମ ପ୍ରାର୍ଥନା ଓ ଭାବ ସମର୍ପଣ ରହିଥାଏ ମହାବାହୁ ଶ୍ରୀଜଗନ୍ନାଥଙ୍କ ପାଖରେ। ପ୍ରତିଟି ଓଡ଼ିଆ ଘରର ମୁରବୀ ହେଉଛନ୍ତି ସେହି ଜଗତରନାଥ କାଳିଆ ସାଆନ୍ତ ମହାପ୍ରଭୁ ଶ୍ରୀଜଗନ୍ନାଥ। ଓଡ଼ିଆ ଘରରେ ଆମ ପରମ୍ପରାର ଏକୋଇଶା ନାମକରଣରେ ଅନେକ ମହାପ୍ରଭୁଙ୍କୁ ଟିକିଏ ରାତି ପାହିଲେ ତୁଣ୍ଡରେ ଧରିବା ପାଇଁ ସେମାନଙ୍କ ପିଲାଙ୍କ ନାମକରଣ କରିଥାନ୍ତି 'ଜଗନ୍ନାଥ', 'କାଳିଆ', 'ପୁରୁଷୋତ୍ତମ' ଏହିପରି



ବିଭିନ୍ନ ନାମରେ। ପ୍ରତିଟି ଓଡ଼ିଆଙ୍କ ଶୁଭକାର୍ଯ୍ୟରେ ପ୍ରଥମ ନିମନ୍ତ୍ରଣ ମହାପ୍ରଭୁଙ୍କୁ। ପିଲାଟିର ନାମକରଣ ହେଉ ବା ଅନ୍ନପ୍ରସନ୍ନ, ଏକୋଇଶା ଠାରୁ ଜନ୍ମ ବାର୍ଷିକୀ, ଉପନୟନ ଠାରୁ ଗୃହ ପ୍ରତିଷ୍ଠା ଏବଂ ଜୀବନର ଶେଷ ଆଶ୍ରା ଓ ଶେଷ ସମୟରେ ମଧ ମହାପ୍ରଭୁଙ୍କ ନିର୍ମାଲ୍ୟ ଟିକକ ଖୋଜା ପଡ଼ିଥାଏ।

ଆମ ଓଡ଼ିଆଙ୍କ ଗାଁ ଗଣ୍ଡା ଠାରୁ ସହର ପର୍ଯ୍ୟନ୍ତ ସବୁ ଭାଗବତ ଗାଦୀର ଭାଗବତ ଗୋସେଇଁ ଭାବରେ ଶ୍ରୀଜଗନ୍ନାଥ ପୂଜା ପାଇଥାନ୍ତି। ଏହି ଛୋଟବଡ଼ ବିଭିନ୍ନ ମଠ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ରହିଥିବା ଅନେକ ପର୍ବପର୍ବାଣୀ ଅନୁଷ୍ଠିତ ହୋଇଥାଏ। କାର୍ତ୍ତିକ ମାସ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଓଡ଼ିଶାର ପ୍ରାୟ ପ୍ରତ୍ୟେକ ହିନ୍ଦୁ ଗୃହିଣୀ ତୁଳସୀ ଚଉରା ମୂଳରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ମହାପ୍ରଭୁଙ୍କ ଆୟୁଧ ଶଙ୍ଖ, ଚକ୍ର, ଗଦା, ପଦ୍ମ, ଓ ବାହାନ ଗରୁଡ଼ ପ୍ରଭୃତିଙ୍କ ଚିତ୍ର ମୁରୁଜରେ ଆଙ୍କି ଆରାଧନା କରିଥାନ୍ତି। ପ୍ରତ୍ୟେକ ନୈଷ୍ଠିକ ଓଡ଼ିଆ ପ୍ରତିଦିନ ସ୍ନାନ ପରେ ନିର୍ମାଲ୍ୟ କଣିକା ଟିକିଏ ସେବନ କଲାପରେ ହିଁ ଅନ୍ନଜଳ ସ୍ପର୍ଶ କରିଥାନ୍ତି। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ଓଡ଼ିଆଙ୍କର ଚିର ସାଥୀ। ଶିଶୁଟିର ଜନ୍ମ ହେବାର ସପ୍ତମ ଦିବସରେ ତାହାକୁ ସ୍ନାନ କରାଇ ଅଶୌଚ ଦୋଷ ନିବାରଣ କଲାବେଳେ ତା ଓଠରେ ମହାପ୍ରଭୁଙ୍କ ନିର୍ମାଲ୍ୟ ଛୁଆଇଁ ଦିଆଯାଏ। ସେହିଦିନ ଠାରୁ ତା ଭିତରେ ଆରୋପିତ ହୁଏ ଶ୍ରୀଜଗନ୍ନାଥ ଚେତନା। ପ୍ରତିଟି ଓଡ଼ିଆ ଶେଷ ନିଃଶ୍ୱାସ ପୂର୍ବରୁ ତୁଣ୍ଡରେ ଟିକିଏ ନିର୍ମାଲ୍ୟ ପାଇବା ପାଇଁ କେତେ ବ୍ୟାକୁଳ ହୋଇଉଠିଥାଏ ! ଏହି ନିର୍ମାଲ୍ୟ ହିଁ ତାଙ୍କୁ ମୁକ୍ତି ଦେବ। ଏହି ଅଟଳ ବିଶ୍ୱାସଟି ହିଁ ବାନ୍ଧି ହୋଇଥାଏ।

ବନ୍ଧୁ ସଂଙ୍ଗଳିବା ହେଉ ବା ନୂଆ ବନ୍ଧୁ ଆରମ୍ଭ ହେଲାବେଳେ ମହାପ୍ରସାଦ ପୁଡ଼ିଆ ପ୍ରେରଣ ହୋଇଥାଏ ଶୁଭ ସଙ୍କେତ ଭାବରେ। ଚିଠି ଗୁଆର ନିମନ୍ତ୍ରଣ ସହିତ ମହାପ୍ରସାଦ ପଠାଇବାର ବିଧି ମଧ ରହିଛି। ଘରେ ବିବାହର ପ୍ରଥମ ନିମନ୍ତ୍ରଣ ପତ୍ର ମହାପ୍ରଭୁଙ୍କୁ ସମର୍ପଣ ହୁଏ। ବିବାହ ବନ୍ଧନର ପୂର୍ବ ନିର୍ବନ୍ଧ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଟେକା ଯାଇ ବୈବାହିକ ସମ୍ବନ୍ଧ ଘୋଷିତ ହୋଇଥାଏ। କହିବାକୁଗଲେ ଏହି ସମ୍ବନ୍ଧ ବା ସମ୍ପର୍କକୁ ଅତୁଟ ରଖିବା ପାଇଁ ଜଗନ୍ନାଥଙ୍କ ନାମରେ ଶପଥ ଗ୍ରହଣ ହୋଇଥାଏ। ଜଗନ୍ନାଥଙ୍କ ନାମ ନେବା ପରେ ହିଁ ବର ହୋଇଥାଏ ବାଗଦତ୍ତ ଓ କନ୍ୟାଟି ହୋଇଥାଏ ବାଗଦତ୍ତା। ଓଡ଼ିଆଙ୍କ ସାମାଜିକତାରେ ଏହା ହେଉଛି ମହାପ୍ରସାଦ ନିର୍ବନ୍ଧ। ଏହି ନିର୍ବନ୍ଧ ପରେ ଯେଉଁପକ୍ଷ ପ୍ରସ୍ତାବ ଭାଙ୍ଗି ଦିଏ ସେହି ପକ୍ଷ ଜଗନ୍ନାଥଙ୍କ ପାଖରେ ଦ୍ରୋହୀ ହୁଏ ବୋଲି କାଳ କାଳର ବିଶ୍ୱାସ ରହିଛି। ଅନେକ କ୍ଷେତ୍ରରେ ଜାତକ ଅମେଳ ହେଲେ 'ସର୍ବମଙ୍ଗଳ ଜଗନ୍ନାଥ' କହି ବିବାହ ପ୍ରସ୍ତାବକୁ ବିଶ୍ୱାସର ସହ ଆଗେଇ ନିଆଯାଇଥାଏ। ଝିଅ ଘରୁ ଯେଉଁ ପ୍ରଥମ ଭାରଟି ଯାଇଥାଏ ସେଥିରେ ପ୍ରଥମେ ଓ ଶ୍ରଦ୍ଧାର ପ୍ରେରଣୀୟ ବସ୍ତୁ ହେଉଛି ମହାପ୍ରସାଦ। ଏହି ଶ୍ରୀଜଗନ୍ନାଥଙ୍କର ମହାପ୍ରସାଦ ଓଡ଼ିଆ ମାନଙ୍କ ପାଇଁ ଅମୃତତୁଲ୍ୟ।

ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମହାପ୍ରସାଦକୁ ଏକତ୍ର ଭୋଜନ କରାଯାଏ। ମହାପ୍ରସାଦ ମାଧ୍ୟମରେ ସୂର୍ଯ୍ୟବନ୍ଧୁ ସମ୍ପର୍କ ସ୍ଥାପନ କରାଯାଇ ଓଡ଼ିଶାର ସାମାଜିକ ବ୍ୟବସ୍ଥାରେ ମୈତ୍ରୀପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥାଏ। ମହାପ୍ରଭୁଙ୍କ ପବିତ୍ର ଅବଢ଼ା କୁଡୁଆକୁ ଦାଣ୍ଡ ପାଖ ଚାଳରେ ଓହଳାଇଲେ ଗୃହକୁ ଆପଦ ପ୍ରବେଶ କରିପାରେ ନାହିଁ ଓ ବାହାରକୁ ଯାତ୍ରା କରିବା ଶୁଭଙ୍କର ହୁଏ ବୋଲି କୋଟି ଓଡ଼ିଆଙ୍କ ବିଶ୍ୱାସ। ଅବଢ଼ା କୁଡୁଆରେ ତୁଳସୀ ଗଛ ଲଗାଇ ପୂଜା କଲେ ମୁକ୍ତି ମିଳଇ ବୋଲି ବିଶ୍ୱାସ ରହିଛି। ମୃତ୍ୟୁବେଳେ ମହାପ୍ରଭୁଙ୍କ ନାମ ନେଲେ ଯମଦଣ୍ଡରୁ ମୁକ୍ତି ମିଳେ ଓ ଆତ୍ମା ବୈକୁଣ୍ଠଗାମୀ ହୁଏ ବୋଲି ବିଶ୍ୱାସ ଥିବାରୁ ମୃତ୍ୟୁବେଳେ ସଭିଏଁ 'ଜଗନ୍ନାଥ ନାମଟି ସ୍ମରଣ କରିଥାନ୍ତି। ଓଡ଼ିଆର ପ୍ରତିଟି କ୍ଷେତ୍ର ପ୍ରତିଟି ଭାବନା, ପ୍ରତିଟି ଚିନ୍ତା ସର୍ବୋପରି ସମାଜର ପ୍ରତି କ୍ଷେତ୍ରରେ ରହିଛି ଶ୍ରୀଜଗନ୍ନାଥଙ୍କ ପ୍ରଭାବ। ଆମ ସବୁଠି ଶ୍ରୀ ଜଗନ୍ନାଥ ଚେତନା ମିଶି ଏକ ହୋଇଯାଇଛି। ଶ୍ରୀଜଗନ୍ନାଥଙ୍କୁ ଅଲଗା କରି ଓଡ଼ିଆ ସଂସ୍କୃତିର ସ୍ଥିତି ଚିନ୍ତା କରାଯାଇପାରେନା। ସେଥିପାଇଁ ଓଡ଼ିଶାର ସଂସ୍କୃତିକୁ କୁହାଯାଏ ଶ୍ରୀଜଗନ୍ନାଥ ସଂସ୍କୃତି।

ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ର ଆମ ଓଡ଼ିଆ ଜାତିର ଏକମାତ୍ର ପରିଚୟ କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶା ବାହାରେ ଓ ବିଦେଶରେ ଓଡ଼ିଶାରୁ ଆସିଛି କହିଲେ ପ୍ରାୟତଃ ଅନେକ ଓଡ଼ିଶାକୁ ହଠାତ୍ ନ ଚିହ୍ନି ପାରୁଥିଲେ 'ଜଗନ୍ନାଥ ଦେଶ' କହିଲେ ସମସ୍ତେ ଭାବପୂର୍ଣ୍ଣ, ହୃଦୟପୂର୍ଣ୍ଣ ଓ ଆବେଗପୂର୍ଣ୍ଣ ହୋଇଯାଇଥାନ୍ତି। ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କୁ ନେଇ ଆମ ଜାତି ଆଜି ବିଶ୍ୱ ଦରବାରରେ ମୁଖ୍ୟତଃ ହିଁ ପରିଚିତ। ଶ୍ରୀଜଗନ୍ନାଥ ସଂସ୍କୃତିରେ କାଳକ୍ରମେ କେତେକ ପରିବର୍ତ୍ତନ ଦେଖା ଦେଇଥିଲେ ମଧ ଶ୍ରୀଜଗନ୍ନାଥ ସଂସ୍କୃତି ଅଦ୍ୟାପି ସମଗ୍ର ବିଶ୍ୱରେ ଶାନ୍ତି, ମୈତ୍ରୀ, ମାନବିକତା ପ୍ରତିଷ୍ଠା ଦିଗରେ ଏକମାତ୍ର ଆଦର୍ଶ ସଂସ୍କୃତି କହିଲେ ଅସଂଗତ ହେବନାହିଁ। ଓଡ଼ିଆ ଜାତିର ମର୍ମବାଣୀ ହେଉଛି ଜଗନ୍ନାଥ ଆଜି ମୂର୍ତ୍ତି ରୂପରେ ପୂଜିତ ହେଉଥିଲେ ହେଁ ସେ ଅମୃତ ଓ ଅମୃତ ଚେତନାର ଚିରନ୍ତନ ଅନନ୍ୟ ପ୍ରତୀକ। ଶ୍ରୀଜଗନ୍ନାଥ ସଂସ୍କୃତି ହେଉଛି ମହାମାନବର ମହାମିଳନର ମହତି ସଂସ୍କୃତି। ବିଶ୍ୱ ମାନବ ସମାଜକୁ ନିଜର କରି ସମସ୍ତଙ୍କର ସୁଖ, ଶୁଭ, ସୌଭାଗ୍ୟ କାମନା କରି ଆଜି ମାନବ ବିଶ୍ୱ ମାନବ ହେବା ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତିରୁ ହିଁ ପାଇପାରିବ ମହାନ ଆଦର୍ଶର ପ୍ରେରଣା ଓ ଉଦବୋଧନ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ୯୧୩୨୪୩୩୩୩୩**

## ପାପର ସୃଷ୍ଟି

***ଅନୀତା ପଟ୍ଟନାୟକ***

କେଉଁ ପର୍ବ ଶ୍ରେଣୀରୁ ଜାତ ହୁଏ। ଏହା କେଉଁ ସମୁଦ୍ରରେ ପଡ଼େ ଏପରି କାହିଁକି ? ଆମର ଦୁଇଟି ଆଖି ଅଛି। ଗୋଟିଏ ଡାହାଣ ପାଖରେ ଗୋଟିଏ ବାମ ପାଖରେ, ବାହୁରୁ ଭିନ୍ନ, ପରସ୍ପର ଠାରୁ ମଧ ଭିନ୍ନ। ହେଲେ ଆଖିରେ ଦୁଇଟି ଦୃଶ୍ୟ ଦେଖାଯାଏ ନାହିଁ କାହିଁକି ? ଆଖି ଦୁଇଟିର ଦୃଷ୍ଟିଭଙ୍ଗୀ ଏକ ଓ ସମାନ କାହିଁକି ହୋଇଥାଏ। ମୁଁ ହୃଦୟଙ୍ଗମ କରୁଛି ଯେ ସତଚିତ, ବିବେକ ଓ ଚେତନା ଏହିପରି ଅନେକ ଶବ୍ଦ ବ୍ୟବହାର କରୁଥିଲେ ମଧ ଏସବୁର କାମ ଏକ। କଦର୍ଯ୍ୟ, ଅଶ୍ଳୀ, ଅସୁନ୍ଦର, ଅଧୋପତନକାରୀ ପାପ, ଅପରାଧ ଏହା କେବେ ଠାରୁ ଜାତ, ଆମେ କାନ ଦ୍ୱାରା ଶୁଣୁଥିବା ଦୁର୍ଗୁଣ, ପରନିନ୍ଦା ଦେବନିନ୍ଦା, ଗୁଜବ ଏସବୁର ଜାତ କେବେ ହେଲା ? ଦ୍ୱେଷ ଲୋଭ ମଣିଷ ଭିତରେ କେବେ ପ୍ରବେଶ କଲା ? ଜିଭ, ମନ ଓ ହାତରେ କରୁଥିବା ଦୁଷ୍କର୍ମ, ଅନ୍ୟକୁ କଷ୍ଟ ଦେଉଥିବା ବଚନ, ଖରାପ ଆବେଗ, ଖରାପ ବାସନା, ପରନିନ୍ଦା, ବିଶୃଙ୍ଖଳା, ଅସ୍ଥିରତା, ଏସବୁରୁ ଉତ୍ପତ୍ତି କେବେ ଓ କେବେଠୁ ହେଲା ? ଗୋଟିଏ ବାକ୍ୟରେ କହିବାକୁ ହେଲେ କାମ, କ୍ରୋଧ, ଲୋଭ, ମଦ, ମୋହ ଓ ମାତ୍ସର୍ଯ୍ୟ ମଣିଷ ଭିତରେ କେବେ ପ୍ରବେଶ କଲା ଏହାର ଉତ୍ପତ୍ତି କେଉଁଠାରୁ ?

ଶୀତ ଦିନିଆ ସକାଳ ହୋଇଥାଏ। ମୋର ପିତା ଫୀକର ଚରଣ ପଟ୍ଟନାୟକ ନୟାଗଡ଼ସ୍ଥିତ ବ୍ରଜେନ୍ଦ୍ର ହାଇସ୍କୁଲର ପ୍ରଧାନ ଶିକ୍ଷକ ଥିଲେ ସେ ଖୁବ କମ କଥା ଓ ଗୁରୁତ୍ୱପୂର୍ଣ୍ଣ କଥା କହୁଥିବାରୁ ମୁଁ ଡରରେ ମୋର ମନ ଭିତରେ ଥିବା ଏପରି ପ୍ରଶ୍ନ ପଚାରି ପାରେ ନାହିଁ। ସେ ଅତ୍ୟନ୍ତ ସରଳ ନିଷ୍କପଟ ସ୍ୱଭାବର ବ୍ୟକ୍ତି ଥିଲେ। ଜୀବନର ମୂଲ୍ୟବୋଧକୁ ଗୁରୁତ୍ୱ ଦେଉଥିଲେ। ସେ ଦିନେ ଶୀତ ଦିନିଆ ସକାଳରେ ମନ୍ଦିର, ଗୀର୍ଜା, ମସଜିଦ ଗୁରୁଦ୍ୱାର ପ୍ରଭୃତିକୁ ବୁଲାଇ ନେବା ପାଇଁ ମୋର ମା ଓ ମତେ ପ୍ରସ୍ତାବ ଦେଲେ। ମତେ ଭାରି ଖୁସି ଲାଗିଲା। କାରଣ ମୁଁ ମନ୍ଦିର ଦେଖିଥିଲି। ହେଲେ ଗୀର୍ଜା, ମସଜିଦ,ଗୁରୁଦ୍ୱାର କେବେ ଦେଖି ନଥିଲି। ଆମେ ନେପାଳ ଯାଇ ପାଗୋଡା ବି ଦେଖିବା।

ଗୀର୍ଜାରେ ଯାଇ ଦେଖିଲେ, ଯୀଶୁଙ୍କର ଗୋଟିଏ କ୍ରୁସବିଦ୍ଧ କାଠରେ ନିର୍ମିତ ମୂର୍ତ୍ତି କାନ୍ଥରେ ଟଙ୍ଗା ଯାଇଛି। ସ୍କୁଲ ପିଲାମାନେ ବସିବା ପରି ଡେସ୍କ ଓ ବେଞ୍ଚ ପଡ଼ିଛି। ଖ୍ରୀଷ୍ଟଧର୍ମର ଅନେକ ଭକ୍ତ ସେଠାରେ ଉପସ୍ଥିତ ଅଛନ୍ତି। ଜଣେ ପାଦ୍ରୀ ବାଇବେଲରୁ କିଛି ପଂକ୍ତି ପଢ଼ି ଶୁଣାଇଲେ। ସମସ୍ତେ ନୀରବତାର ସହିତ ସେ ସବୁ ଶୁଣୁଥିଲେ। ସେ ଇଂରାଜୀରେ କହୁଥିବାରୁ ମୁଁ ଭଲ ଭାବରେ ବୁଝି ପାରୁ ନଥିଲି। ବାହାରକୁ ଆସିବା ପରେ ମୁଁ ବାପାଙ୍କୁ ସେ କ'ଣ କହୁଥିଲେ ତାର ସାରାଂଶ କହିବାକୁ କହିଲି।

ବାପା କହିଲେ, 'ଭଗବାନ ଏହି ସୁନ୍ଦର ପୃଥିବୀକୁ ଗଢ଼ିବା ସମୟରେ ଦୁଇଟି ପ୍ରାଣୀ ଜାତ କଲେ। ଜଣକର ନାମ ଆଦାମ ଓ ଅନ୍ୟ ଜଣଙ୍କର ନାମ ଥିଲା ଇଭ। ଆଦାମ ପୁରୁଷ ଓ ଇଭ ନାରୀ ଥିଲେ। ଗଛ, ଲତା, ପାଣି, ପବନ, ଅଗ୍ନି, ବାୟୁ, ଜଳ, ପର୍ବତ ସବୁ ସୃଷ୍ଟି ହୋଇଥିଲା। ସେ ଦୁଇ ଜଣ ଖୁବ ସୁନ୍ଦର ଓ ସାଥୀ ପରି ରହୁଥିଲେ। ସୃଷ୍ଟିକର୍ତ୍ତା ଏହି ଦୁଇ ଜଣକୁ ଗୋଟିଏ ଗଛର ଫଳକୁ ଦେଖାଇ କହିଥିଲେ ଏହା ତୁମ ପାଇଁ ନିଷିଦ୍ଧ ଫଳ। ଏହାକୁ କେବେ ହେଲେ ଖାଇବ ନାହିଁ। ସେ ଦୁଇ ଜଣଙ୍କ ମଧରେ କୌଣସି ଖରାପ ଚିନ୍ତା କିମ୍ବା ଦୁଷ୍କର୍ମ ନଥିଲା। ସେମାନେ ଅତ୍ୟନ୍ତ ପବିତ୍ର ଥିଲେ। ଦିନେ ସେମାନେ ପ୍ରଭୁଙ୍କର କଥା ନମାନି ପ୍ରଥମେ ଇଭ ଓ ପରେ ପରେ ଆଦାମ ଉକ୍ତ ନିଷିଦ୍ଧ ଫଳକୁ ଭକ୍ଷଣ କରିଥିଲେ। ସେମାନଙ୍କ ମଧରେ କାମ, କ୍ରୋଧ, ଲୋଭ, ମୋହ, ମାତ୍ସର୍ଯ୍ୟ ସୃଷ୍ଟି ହେଲା ଓ ସେହିଠାରୁ ମାନବ ଜଗତର ସୃଷ୍ଟି।

ପାଦ୍ରୀ କହିଥିଲେ, ଏସବୁ ଘଟିଥିଲା କାରଣ ସେମାନେ ପ୍ରଭୁଙ୍କର ଆଜ୍ଞାବହ ହୋଇନଥିଲେ। ମୁଁ ବାପାଙ୍କୁ ପଚାରିଲି, ଆଜ୍ଞାବହର ଅର୍ଥ କ'ଣ ? ପିତା, ମାତା, ଗୁରୁଜନ ଏମାନଙ୍କ କଥା ଶୁଣିବାକୁ ଆଜ୍ଞାବାହ ହେବା କ'ଣ ବୁଝାଯାଏ କି ? ବାପା କହିଲେ ନା। ଆମ ଭିତରେ ସତଚିତ, ବିବେକ, ଚେତନା ରହି ଅଛି। ଏହା ସବୁ ସମୟରେ ଚେତାଇ ଦିଏ କେଉଁଠି ଠିକ କେଉଁଠି ଭୁଲ। ଆମେ ବିବେକର କଥା ନଶୁଣି, ଆଜ୍ଞାବାହ ନହୋଇ, ଇନ୍ଦ୍ରିୟ ମାନଙ୍କର କଥାରେ ପରିଚାଳିତ ହେଉ ଓ ସେହିଠାରୁ ଆରମ୍ଭ ହୁଏ ଦୁଷ୍କର୍ମ ଓ ପଶୁତ୍ୱ। ସେ ଦିନ ମୁଁ ମୋର ପିଲା ଦିନର ସମସ୍ତ ଅସୁମାରୀ ପ୍ରଶ୍ନର ଉତ୍ତର ପାଇଥିଲି। କାରଣ ପ୍ରକୃତ ଉତ୍ତର ନପାଇ ମୁଁ ମରିଚିକା ପଛରେ ଧାଇଁ ଥିଲି ଓ ମୋର ଦୁଇଟି ଆଖିର ଗୋଟିଏ ଦୃଷ୍ଟିଭଙ୍ଗୀ ଅଛି ବୋଲି ଜାଣି ପରିଥିଲି। ଭଗବାନଙ୍କର ଆଜ୍ଞାବହ ନ ହେବାହିଁ ପାପ ବୋଲି ଉଲବ୍ଧି କଲି।

***ଅବସରପ୍ରାପ୍ତ, ପ୍ରଧାପିକା, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬***

## ଅଭିନବ ସଂଗ୍ରାମୀ: ତିଲୁ ଭାଇ

**ଡାକ୍ତର ରବି ରଞ୍ଜନ ସାହୁ**

କଟକ ସହରବାସୀଙ୍କ ପାଇଁ 'ମଶା ମଉସା', ରାଜ୍ୟବାସୀଙ୍କର ପ୍ରିୟ 'ତିଲୁଭାଇ', ତ୍ରିଲୋଚନ କାନୁନ୍‌ଗୋ ଜଣେ ଆଦର୍ଶ ରାଜନେତା ଭାବେ ପରିଚିତ ଥିଲେ । ଶିକ୍ଷା କ୍ଷେତ୍ରରୁ ଆସି ଦେଶସେବାରେ ନିଜକୁ ନିୟୋଜିତ କରିଥିବା ସମସ୍ତଙ୍କର ପ୍ରିୟ ତିଲୁଭାଇ, ମୋର ପଥପ୍ରଦର୍ଶକ ଥିଲେ । ସେ ତାଙ୍କ ଜୀବନରେ ଅନେକ କାମ କରିଛନ୍ତି । ରାଜ୍ୟର ବିକାଶ, ଦେଶର ଉନ୍ନତି ତଥା ଜନସାଧାରଣଙ୍କ ଉତ୍ଥାନ ପାଇଁ ଅନେକ ଉଦ୍ୟମ କରିଛନ୍ତି, ମାତ୍ର ତାଙ୍କର ସମସ୍ତ କାମ ମଧରେ କଟକ ସହରର ସ୍ଥାୟୀ ସମସ୍ୟାର ସମାଧାନ ପାଇଁ ତାଙ୍କର ଉଦ୍ୟମ ସବୁଦିନ ପାଇଁ ମନେ ରହିବ । କଟକକୁ ମଶାମୁକ୍ତ କରିବା, ନିଶାମୁକ୍ତ କରିବା ପାଇଁ ତାଙ୍କର ପ୍ରଚେଷ୍ଟା ତାଙ୍କୁ କଟକରେ ଘରେ ଘରେ ପରିଚିତ କରାଇଥିଲା । ନିଶା ବିରୋଧରେ ତାଙ୍କର ସଂଗ୍ରାମ, ମଶାମୁକ୍ତ କଟକ ସହର ଗଢ଼ିବାରେ ତାଙ୍କର ଉଦ୍ୟମ ବାସ୍ତବରେ ଅଭିନବ ସଂଗ୍ରାମ ଥିଲା । କଟକ ସହରକୁ ଅଭିନବ ବାରାଣସୀ ବୋଲି କୁହାଯାଏ । ଏହି ସହରରେ ତିଲୁଭାଇଙ୍କ ନିଶା ଓ ମଶା ବିରୋଧରେ ଅବିରତ ସଂଗ୍ରାମ ସ୍ମରଣୀୟ ହୋଇରହିଛି । ତିଲୁଭାଇଙ୍କ ଅଭିନବ ସଂଗାମ ତାଙ୍କୁ ସବୁଦିନ ପାଇଁ ଅମର କରିରଖିବ । ଅନେକ ନେତା ଏ ମାଟିରେ ଜନ୍ମ ନେଇଛନ୍ତି ଓ ଆଗକୁ ନେବେ ମଧ, ମାତ୍ର ତିଲୁଭାଇ ସେମାନଙ୍କ ମଧରେ ଜଣେ ଭିନ୍ନ ପୁରୁଷ, ଯାହାଙ୍କ ସଂପର୍କରେ କିଛି ଲେଖିବା ବା କହିବା ଆମ ପାଇଁ ଧୃଷ୍ଟତା ହେବ । ପିଲାଦିନରୁ ତାଙ୍କୁ ଦେଖିଛି ଓ ତାଙ୍କର ଅନେକ କାର୍ଯ୍ୟକ୍ରମରେ ଯୋଗ ଦେଇଛି, ତାଙ୍କର ସହଯୋଗ, ପରାମର୍ଶ, ମାର୍ଗଦର୍ଶନ ଲାଭ କରିଛି । ଏପରି ସରଳ, ନିରଭିମାନୀ ରାଜନେତା ମୁଁ ଦେଖିନାହିଁ । ତାଙ୍କର ଦେଶ ସେବା, ସଂଗ୍ରାମୀ ଜୀବନ ଆମମାନଙ୍କ ପାଇଁ ଦିଗବାରେଣୀ ହୋଇରହିଛି । ସେ ଆଜି ନାହାନ୍ତି ସତ ହେଲେ ତାଙ୍କ ସ୍ମୃତି ଆମକୁ ସବୁବେଳେ ଅନୁପ୍ରାଣିତ କରୁଛି ଓ କରି ଚାଲିଥିବ ।

ତ୍ରିଲୋଚନ କାନୁନ୍‌ଗୋଙ୍କ ଜନ୍ମ ୧୯୪୦ ମସିହାରେ କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ବଡ଼ମୂଳେଇ ଗ୍ରାମରେ ହୋଇଥିଲା । ପିତା ପ୍ରେମାନନ୍ଦ କାନୁନ୍‌ଗୋ, ମାତା କ୍ଷେତ୍ରମଣି ଦେବୀଙ୍କର ସନ୍ତାନ ତ୍ରିଲୋଚନ ଯେ ଭବିଷ୍ୟତରେ ଦେଶ ଓ ଦଶର ନାମ ରଖିବେ ତାହା ତାଙ୍କ ପିଲାଦିନୁ ଜଣାପଡ଼ିଥିଲା । ଝାରପଡ଼ା ଓ ସୁନ୍ଦରଗାଁ ହାଇସ୍କୁଲରୁ ପାଠ ଶେଷ କରି ରେଭେନ୍ସା କଲେଜରେ ଉଚ୍ଚଶିକ୍ଷା ପାଇଁ ଅଧ୍ୟୟନ କରିଥିଲେ । ରେଭେନ୍ସା କଲେଜରେ ଅଧ୍ୟୟନ କାଳରେ ସେ ଛାତ୍ର ରାଜନୀତିରେ ଜଡ଼ିତ



ହୋଇଥିଲେ ଓ ୧୯୬୪ ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ୧୯୬୫ ମସିହାରେ ରେଭେନ୍ସା ଛାତ୍ର କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହୋଇ ଅନେକ ସଂସ୍କାରମୂଳକ କାମ କଲେ । ସେଠାରୁ ଗଣିତ ବିଷୟରେ ସ୍ନାତକ ଓ ସ୍ନାତକୋତ୍ତର ଡ଼ିଗ୍ରୀ ହାସଲ କରି ସୁନ୍ଦରଗାଁ ହାଇସ୍କୁଲରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ । କିନ୍ତୁ ଦେଶ ଓ ସମାଜର ବୃହତ୍ତର କାମ କରିବାକୁ ସେ ରାଜନୀତିରେ ପ୍ରବେଶ କଲେ । ଶିକ୍ଷକତା ଛାଡ଼ି ୧୯୭୧ରେ ସେ ଗୋବିନ୍ଦପୁର ବିଧାନସଭା ଆସନରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ସେହିପରି ୧୯୭୪ରେ ସେ କଟକ ସଦରରୁ ବିଧାୟକ ଭାବେ ନିର୍ବାଚିତ ହେଲେ । ମାତ୍ର ଇନ୍ଦିରା ଗାନ୍ଧୀଙ୍କ ଗଣତନ୍ତ୍ର ବିରୋଧୀ, ନାଗରିକ ଅଧିକାର ବିରୋଧ କାର୍ଯ୍ୟ, ଦେଶରେ ଜରୁରୀକାଳୀନ ପରିସ୍ଥିତିକୁ ବିରୋଧ କରି କଂଗ୍ରେସରେ ଥାଇ ମଧ କଂଗ୍ରେସ ବିରୋଧରେ ସଂଗ୍ରାମରେ ଜଡ଼ିତ ହେଲେ । ଏଥିପାଇଁ ତାଙ୍କୁ ଜେଲ ଯିବାକୁ ପଡ଼ିଥିଲା ଓ ୧୮ ମାସ ପରେ ଜେଲରୁ ଫେରି ସେ କଂଗ୍ରେସ ଦଳ ଛାଡ଼ି ସ୍ୱାଧୀନ ଭାବେ ରାଜନୀତି କରିବାକୁ ଉଚିତ୍ ମନେ କଲେ । ୧୯୭୮ରେ କଟକ ପୌରପାଳିକାର ନଗରପାଳ ଭାବେ ଦାୟିତ୍ୱ ନେଇଥିଲେ । ସେହିପରି ଦ୍ୱିତୀୟ ଥର ପାଇଁ ସେ କଟକର ପୌରପାଳ ହୋଇଥିଲେ । ୧୯୮୫ ମସିହାରେ ଗୋବିନ୍ଦପୁର ବିଧାନସଭା ଆସରୁ ଜଣେ ସ୍ୱାଧୀନ ପାର୍ଥୀ ଭାବେ ନିର୍ବାଚନ ଜିତିବା ତ୍ରିଲୋଚନ କାନୁନଗୋଙ୍କ ପାଇଁ ଆହ୍ୱାନ ଥିଲା । ମାତ୍ର ତାଙ୍କର ଲୋକପ୍ରିୟତା ବଳରେ ସେ ଏହି ନିର୍ବାଚନରେ ବିଜୟୀ ହୋଇଥିଲେ ଓ ବିଜୁବାବୁଙ୍କର ପ୍ରିୟ ହୋଇଯାଇଥିଲେ । ୧୯୯୮ରୁ ସେ ଜଗତସିଂହପୁରରୁ ଲୋକସଭାକୁ ମଧ ନିର୍ବାଚିତ ହୋଇ ରାଷ୍ଟ୍ରୀୟ ରାଜନୀତିରେ ଓ ଦେଶ ସେବାରେ ଆପଣାକୁ ନିୟୋଜିତ କରିଥିଲେ । ଜଣେ ଆଦର୍ଶ ଶିକ୍ଷକ ଭାବେ ନିଜର ସମାଜସେବା କାମ ଆରମ୍ଭ କରିଥିବା ତିଲୁଭାଇ ଉଚ୍ଚଶିକ୍ଷାରେ ବିକାଶ ପାଇଁ ଅଡ଼ଶପୁରଠାରେ ମହାବିଦ୍ୟାଳୟ ପ୍ରତିଷ୍ଠା କଲେ ଯାହା ଆଜି ରାଜ୍ୟର ଏକ ଉନ୍ନତ ମହାବିଦ୍ୟାଳୟ ଭାବେ କାର୍ଯ୍ୟ କରେ । ତିଲୁଭାଇ ଶେଷ ସମୟ ପର୍ଯ୍ୟନ୍ତ ଏହି ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ଭାବେ କାର୍ଯ୍ୟ କରୁଥିଲେ ଓ ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ଆପଣାକୁ ସମର୍ପିତ କରିଥିଲେ । ଅର୍ଥନୀତିରେ ତାଙ୍କର ଦକ୍ଷତା ଦୃଷ୍ଟିରୁ ତାଙ୍କୁ ରାଜ୍ୟ ଅର୍ଥ କମିଶନର ସଦସ୍ୟ ଭାବେ କାମ କରିବାର ସୁଯୋଗ ମିଳିଥିଲା ଓ ସେ ତାଙ୍କର ଜନକଲ୍ୟାଣକାରୀ ପରାମର୍ଶ ରାଜ୍ୟ ସରକାରଙ୍କୁ ପ୍ରଦାନପୂର୍ବକ ରାଜ୍ୟ ତଥା ରାଜ୍ୟବାସୀଙ୍କର ପ୍ରିୟଭାଜନ ହୋଇଥିଲେ ।

ତାଙ୍କର ସମସ୍ତ ଜନକଲ୍ୟାଣକାରୀ କାମ ମଧରେ ଅତ୍ୟନ୍ତ ଉଲ୍ଲେଖନୀୟ ଥିଲା କଟକ ସହରର ସ୍ଥାୟୀ ସମସ୍ୟାର ସମାଧାନ । ନାଳ ନର୍ଦ୍ଦମା ଘେରା କଟକ ସହରକୁ ମଶା ଦାଉରୁ ମୁକ୍ତ କରିବାକୁ ସେ ପଣ କରିଥିଲେ । ଏହି କାରଣରୁ ସେ ରାସ୍ତା ସଫା କରିବାକୁ ହାତରେ ଝାଡୁଧରି ସକାଳେ ଲୋକେ ଉଠିବା ପୂର୍ବରୁ କାମ ଆରମ୍ଭ କରି ଦେଉଥିଲେ । ତାଙ୍କର ଏହି ସକାରାତ୍ମକ ଉଦ୍ୟମର ପ୍ରଭାବ କଟକ ସହରର ଲୋକମାନଙ୍କ ଉପରେ ପଡ଼ିଥିଲା ଓ ସେମାନେ ଆପଣା ଆପଣା ଅଞ୍ଚଳର ପରିଷ୍କାର ପରିଛନ୍ନତା ଉପରେ ଗୁରୁତ୍ୱ ଦେବାକୁ ଉଦ୍ୟମ କଲେ । ସେହିପରି ନିଶା ବିରୋଧରେ ତାଙ୍କର ଆମରଣ ଅନଶନ ଏକ ଉଲ୍ଲେଖନୀୟ ଘଟଣା ହୋଇ ରହିଛି । ନିଜ ଜୀବନକୁ ବାଜି ଲଗାଇ ତିଲୁଭାଇ ଜନସାଧାରଣଙ୍କ ସେବା ପାଇଁ ଯେଉଁ ଉଦାହରଣ ଦେଖାଇ ଦେଇ ଯାଇଛନ୍ତି ତାହା ଜନଜୀବନରେ କାମ କରୁଥିବା ପ୍ରତ୍ୟେକ ବ୍ୟକ୍ତି ପାଇଁ ଆଦର୍ଶ ହୋଇ ରହିଛି । ତାଙ୍କର ଅବର୍ତ୍ତମାନରେ ବି ଆମେ ତାଙ୍କୁ ତାଙ୍କର ଏହି ଆଦର୍ଶକୁ ଭୁଲିପାରି ନାହିଁ ବା ଭୁଲିଯିବା ଆମ ପାଇଁ ସହଜ ନୁହେଁ ।

ଚାନ୍ଦିନୀଚୌକ, କଟକ-୨
ଦୂରଭାଷ: ୯୪୩୭୩-୧୦୧୭୧

## ଉଦ୍‌ବେଗଜନକ ସଙ୍କେତ

**ସୌଭାଗ୍ୟ ରଂଜନ ମହାନ୍ତି**

ଏହା ଏକ ଉଦ୍‌ବେଗଜନକ ସଂକେତ ଯେ, ୟୁଟ୍ୟୁବ ଭିଡିଓ ଅପସାରଣ କ୍ଷେତ୍ରରେ ଆନ୍ତର୍ଜାତିକ ତାଲିକାରେ ଭାରତ ପୁଣି ଥରେ ଶୀର୍ଷରେ ରହିଛି। ବିଶ୍ୱବ୍ୟାପୀ ମୋଟ ୯.୪ ମିଲିଅନ ଭିଡିଓ ଗୁଗୁଲ ମାଲିକାନାଧୀନ କମ୍ପାନୀ ଦ୍ୱାରା ଗଲାବର୍ଷ ଅକ୍ଟୋବରରୁ ଡିସେମ୍ବର ମାସ ମାତ୍ର ୩ମାସ ମଧରେ ଅପସାରଣ କରାଯାଇଥିବାବେଳେ ସେଥିମଧ୍ୟରୁ ୩୦ପ୍ରତିଶତ ହେଉଛି ଭାରତଠାରୁ। ଏହା ସ୍ପଷ୍ଟ ଯେ, ଲୋକପ୍ରିୟ ଭିଡିଓ ସେୟାରିଂ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମର ଅପବ୍ୟବହାର ଭାରତରେ ଅପ୍ରତିହିତ ଭାବେ ବଢ଼ିଚାଲିଛି। ୟୁଟ୍ୟୁବର ଗାଇଡଲାଇନ ଯୌନ-ଉଦ୍ଦିପକ ପ୍ରଦର୍ଶନ, ହିଂସାକୁ ଉତ୍ସାହିତ କରିବା, ନିର୍ଯ୍ୟାତନା, ସାଇବର ଅପରାଧ, ଘୃଣ୍ୟ ବୟାନ ଏବଂ ବିଭ୍ରାନ୍ତିକର ତଥ୍ୟକୁ ସମ୍ପୂର୍ଣ୍ଣ ବାରଣ କରିଥିଲେ ମଧ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ସହାୟତାରେ ଏବେ ୯୬ ପ୍ରତିଶତର ଅଧିକ ଏହାର ନୀତି, କଟକଣା ଉଲଂଘନ ହେଉଥିବା ଲକ୍ଷ୍ୟ କରାଯାଏ। ତେବେ ଏବେ ଏସବୁ ନୀତିବିରୁଦ୍ଧ ଦୃଶ୍ୟାବଳୀ ବା ପ୍ରସାରଣକୁ ୟୁଟ୍ୟବ୍ ଅପସାରଣ ବା ପ୍ରତ୍ୟାହାର କରିନେବା ପୂର୍ବରୁ ବହୁ ସଂଖ୍ୟାରେ କମେଂଟ ସବୁଠାରୁ ବଡ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ନିକଟରେ ୟୁଟ୍ୟୁବର ରଣବୀର ଆଲାବାଦିଆ ଇଣ୍ଡିଆସ ଗଟ୍ ଟ୍ୟାଲେଣ୍ଟ' ଅନଲାଇନ ସୋ'ରେ ଦେଇଥିବା କେତେକ ଆପତ୍ତିଜନକ ମନ୍ତବ୍ୟକୁ ଦେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ତାଙ୍କ ବିରୁଦ୍ଧରେ ମଧ ବହୁ ଥାନାର ଏଫଆଇଆର(ଏତଲା) ଦାୟର ହୋଇଥିଲା। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ଭିଡିଓ ପ୍ରସାରଣକୁ ପ୍ରତ୍ୟାହାର କରାଯାଇଥିଲା। ସେହିପରି ସୋସିଆଲ ମିଡିଆ ପାଇଁ ଆଇନ ଓ ଗାଇଡଲାଇନ ପ୍ରଣୟନ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି। ଏହା ନିସନ୍ଦେହ ଯେ, ସାମ୍ପ୍ରତିକ ସମୟରେ ସୋସିଆଲ ମିଡିଆ (ସାମାଜିକ ଗଣମାଧ୍ୟମ) ଏବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହା ଏତେ ମାତ୍ରାରେ ଜନଜୀବନ ସହ ଜଡିତ ହୋଇଯାଇଛି ଯେ, ଏହା ବ୍ୟତିରେକ ମାନବ ସମାଜର ଚଳଣି ଅସମ୍ଭବ ମନେହୁଏ। କିନ୍ତୁ ଏହାର ଅପବ୍ୟବହାର କିଛି କମ୍ ନୁହେଁ, ଗୁଜବ ପ୍ରଚାର ଠାରୁ ଆରମ୍ଭ କରି ଠକେଇ, ସାଇବର ଅପରାଧ ପର୍ଯ୍ୟନ୍ତ ବିଭିନ୍ନ ସମାଜ ବିରୋଧି କାର୍ଯ୍ୟ କ୍ଷେତ୍ରରେ ସାମାଜିକ ଗଣମାଧମ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ଏହା ନିସନ୍ଦେହ ଯେ, ବିଭ୍ରାନ୍ତକର ଏବଂ ଅପପ୍ରଚାର ସମାଜ ତଥା ଦେଶ ପାଇଁ ଏବେ ଗୁରୁ ଧମକ ସୃଷ୍ଟି କରିଛି। ଭାରତ ଏବେ ଏକ ପ୍ରମୁଖ ରିକ୍ସ ନେଶନ ଭାବେ ଚିହ୍ନଟ ହୋଇଛି। କେଉଁମାନେ କ୍ଷତିକାରକ ଏବଂ ଆପତିଜନକ ଭିଡିଓ ଲୋଡ କରୁଛନ୍ତି, ସେମାନଙ୍କୁ ଚିହ୍ନଟ କରାଯିବା ଆବଶ୍ୟକ। ଅବଶ୍ୟ ସରକାର ଏବଂ ୟୁଟ୍ୟୁବର ପରି ପ୍ଲାଟଫର୍ମର ମିଳିତ ସହଯୋଗ ଦୁର୍ବୃତ ବା ସମାଜ ବିରୋଧିଙ୍କୁ ଚିହ୍ନଟ କରିବାରେ ସହାୟକ ହୋଇପାରିବ। ଏହା ସତ୍ୟ ଯେ, ସାମାଜିକ ଗଣମାଧ୍ୟମର ତ୍ୱରିତ ପ୍ରସାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବହୁ ସମସ୍ୟା ସହଜରେ ସମାଧାନ କରିବାରେ ସହାୟକ ହୋଇଛି। ମହିଳା ନିର୍ଯ୍ୟାତନା, ମହିଳା ହିଂସା ଘଟଣାରେ ତ୍ୱରିତ ଭିଡିଓ ଘୁରି ବୁଲିବା ଯୋଗୁଁ ପୋଲିସ ଅବିଳମ୍ବେ ଘଟଣା ସ୍ଥଳରେ ପହଁଚିବା ସହ ଅପରାଧିଙ୍କୁ କାବୁ କରିବାରେ ସହାୟକ ହୋଇଛି। ସେହିପରି ବର୍ଷ ବର୍ଷ ଧରି ସୁଧୁରି ନଥିବା ରାସ୍ତାର ଅବସ୍ଥା ରାତାରାତି ସମାଧାନ ହୋଇଯିବା ଦେଖାଯାଏ। ତେବେ ସାମାଜିକ ଗଣମାଧ୍ୟମର ସତ୍ -ବ୍ୟବହାର ଏକାନ୍ତ ଜରୁରୀ। ଏହା ଦ୍ୱାରା ବହୁ ଅନାଲୋଚିତ ଘଟଣା ଲୋକଲୋଚନକୁ ଆସିପାରିବ। କିନ୍ତୁ ଏହାର ଦୁରୂପଯୋଗ କେବଳ ସମାଜର କ୍ଷତି କରିବ ନାହିଁ, ସମାଜ ବିରୋଧି ଶକ୍ତିଙ୍କ ଉତ୍ସାହିତ କରିବାରେ ସହାୟକ। ଏଥିଲାଗି ସଚେତନତା ସହ ଜରୁରୀ ନିୟନ୍ତ୍ରଣ ଏବଂ ସଚେତନତା ଆବଶ୍ୟକ ରହିଛି। ସେହିପରି ୟୁଟ୍ୟବ୍ ମଧ ସଜାଗ ଏବଂ ସତର୍କ ରହିବା ଜରୁରୀ। ଭାରତ ମଧ୍ୟ ୟୁଟ୍ୟୁବର ବିଶୃଙ୍ଖଳାକାରୀଙ୍କୁ ନିୟନ୍ତ୍ରଣ ପାଇଁ ଏବେ ଉପଯୁକ୍ତ ସମୟ ଉପନୀତ ହୋଇଛି।



**ଆମ ଠିକଣା**
ମାତୃଭାଷା, ସାର୍ଥକ ପ୍ୟାଲେସ୍, ପ୍ଲଟ୍ ନଂ-୧୫୭୦/୧୫୭୧, ସେକ୍ଟର-୬, ସିଡିଏ, କଟକ

## ମୁଁ ଗଛଟିଏ



ଗଛଟିଏ ମୁଁ ତ ଗଛଟିଏ
ମୋ ପରି ବନ୍ଧୁଟେ ଅଛି କିଏ
ଦୁଃଖରେ ବି ତୁମ ସଙ୍ଗେ ସଙ୍ଗେ ଯାଏ
ସୁଖରେ ବି ତୁମ ସାଥେ ଥାଏ ।
ମାନୁଛି ମୋହର ନାହିଁ ପାଦ
କଥା ନ କହିବି ନାହିଁ ଖେଦ
ନିଜ ବୁଦ୍ଧି ବଳେ ତୁମ ସେବା କରେ
ମନରେ ନ ରଖି ଭେଦା ଭେଦ ।
ମାଟି ମାଆଠାରୁ ପାଇ ବଳ
ଦିଏ ଖୁସି ମନେ ଫୁଲ ଫଳ
ଆସବାବ ପତ୍ର କର ମୋ ଦେହରେ
ଡାଳ ପତ୍ର ନେଇ ତୁମେ ଜାଳ ।
ଅମ୍ଳଜାନ ମୁଁ ଯୋଗାଇ ଦିଏ
ଅଙ୍ଗାରକାମ୍ଳ କୁ ଶୋଷି ନିଏ
ସବୁଜ ବଳୟ ସୃଷ୍ଟି କରି ପୁଣି
ସନ୍ତୁଳନ ରକ୍ଷା କରି ଥାଏ ।
ମାଟିକୁ ଜାବୁଡ଼ି ଥାଏ ଧରି
ବର୍ଷା ପାରେନି ତା କ୍ଷୟ କରି
ଜଙ୍ଗଲ ଧ୍ୱଂସ କରି ଦେଉଛ ତୁମେ
ମାଟି ମା' ମନେ ଦୁଃଖ ଭରି ।
ଋତୁମାନେ କରୁଛନ୍ତି ରାଗ
ସେ ପାଇଁ ବଦଳୁନାହିଁ ପାଗ
ନିଜ ପାଇଁ ନିଜେ ଗାତ ତ ଖୋଳିଛ
ପଡ଼ିବ ତହିଁରେ ତୁମେ ଆଗ ।
ପରିବେଶ କାନ୍ଦେ କଇଁ କଇଁ
ତା' କଥା ତୁମେତ ଚିନ୍ତ ନାଇଁ
ନେଡ଼ିଗୁଡ଼ କହୁଣିକୁ ବୋହିଗଲେ
କାନ୍ଦିବ ତୁମେ ବଞ୍ଚିବା ପାଇଁ ।
ଏବେଠାରୁ ପ୍ରତିକାର କର
ବୃକ୍ଷ ରୋପ ହୋଇ ତରତର
ଜନ୍ମରୁ ଜୁଇ ଯାଏ ସାଥୀ ମୁଁ ତୁମ
ଏ କଥା ମନୁ ନ କର ଦୂର ।

*ସୁଧାକର ରାଉତ*
*ପ୍ରତାପ ନଗରୀ, କଟକ*
*ମୋ -୮୨୪୯୯୩୨୭୯୨*

## ଗ୍ରୀଷ୍ମ ଏଠି ଥାଆ

ଝିଙ୍କାରିରେ ଝିଇଁ ଝିଇଁ
ସୁରେ ଗୀତ ଗା
ଝାଞ୍ଜି ବହୁଥା
ପିଅ ଲସି,ସରବତ
କହିଦେବେ ମାଆ ।
ଖଣ୍ଡିଆଭୂତଟି ଘୂରି
ଖାଲି ନାଚୁ ଥା
ତରଭୁଜ ଖା
ତାଳସଜ ଦେଖିରେ
କୁହ ବାଃ ବାଃ ।
ନଈନାଳ ଜଳକୁରେ
ବାଷ୍ପ କରି ଯା
ପଙ୍ଖା ଘୂରୁ ଥା
ଅଂଶୁଘାତ କଥାକୁ
ମନେ ରଖିଥାଆ ।
ଏବେଳେ ପଖାଳ ଖିଆ
ଭାରି ମଜା ଆଃ
ଛତା ଧରିଥା
ଫଳ ରାଜା ଆମ୍ବ ପାଚେ
ଖାଆ ଖାଆ ଖା ।

*ନୀଳମଣି ଚାନ୍ଦ*
*ମନ୍ତ୍ରମାନୋର,ଗୋଠପାଟଣା*
*ଭୁବନେଶ୍ୱର ,ମୋ:୯୫୮୩୨୦୨୩୫୭*



## ଗ୍ରୀଷମ ଡହକ ଡହଡହ

ପ୍ରାତଃ ସୂର୍ଯ୍ୟ ହସେ କିରିକିରି
ପବନ ବହଇ ଥିରିଥିରି
ସୂର୍ଯ୍ୟ ଚଢୁଥାଏ ଆକାଶର ସିଢ଼ି
ପଙ୍ଖା ଘୁରୁଥାଏ ଘିରିଘିରି ।
ଗଛରେ ପତର ଖରଖର
ସରୀସୃପ ଚାଲେ ସରସର
ଚାହୁଁଚାହୁଁ ଖରା ମାଡ଼ି ଆସୁଅଛି
ଚାଲୁଥାଅ ହୋଇ ତରତର ।
କୁଆଡ଼େ ଯାଉଛ ରୁହରୁହ
ଯାହା ପଚାରୁଛି କୁହକୁହ
ଖରାବେଳେ କାମ କରିବାଟା ମନା
କାହିଁକି ଗଣ୍ଠୁଲି ବୁହବୁହ ।
ଝାଞ୍ଜି ବହୁଅଛି ଘନଘନ
ପବନ ଶବଦ ସନସନ
କଅଁଳା ବାଛୁରୀ ଖରାରେ ଡେଉଁଛି
ପିଲା ମନ ତା'ର ଛନଛନ ।
ଝାଳ ବହିଯାଏ ଥପଥପ
ବିଜୁଳି ବତୀଟା ଦପଦପ
ପଙ୍ଖାଟା ବେଗରେ ଜମା ଘୁରୁନାହିଁ
' ରାମରାମ ' ବସି ଜପଜପ ।
ଖରାବେଳ ଲାଗେ ଖାଲିଖାଲି
ଯାଇହୁଏ ନାହିଁ ଚାଲିଚାଲି
କାଜୁ ବଗିଚାରେ କାଜୁ ପାଚିଅଛି
ଦିଶେ ହଳଦିଆ, ନାଲିନାଲି ।
ଶାଗ, ପଖାଳକୁ ଖାଅଖାଅ
ଦହି କିଣିବାକୁ ଯାଅଯାଅ
ଖରାରେ ପଦାକୁ ବାହାରନି ଜମା
' ଅଂଶୁଘାତ ' କଥା ଗାଅଗାଅ ।
ସଞ୍ଜେ ବାଆ ବହେ ସୁଲୁସୁଲୁ
ବୁଲିବାକୁ ମନ କୁଲୁକୁଲୁ
କୃଷ୍ଣଚୂଡା ଗଛେ ଫୁଲ ଫୁଟିଅଛି
ଦିଶୁଅଛି ନାଲି ଗୁଲୁଗୁଲୁ ।
ରାତିରେ ଲାଗଇ ଥଣ୍ଡାଥଣ୍ଡା
ପଣା ବାଣ୍ଟି ଚାଲ ହଣ୍ଡାହଣ୍ଡା
ଜହ୍ନ ଆଲୁଅରେ ଲୋକେ ବୁଲୁଥାନ୍ତି
ଯୁଆଡେ ଦେଖିବ ଗଣ୍ଡାଗଣ୍ଡା ।

*ନିରଞ୍ଜନ ସାହୁ*
*ନିହଲ ପ୍ରସାଦ, ଗଁଡିଆ ପାଟଣା*
*ଢେଙ୍କାନାଳ-୭୫୯୦୧୬*
*ମୋ-୯୯୩୮୭୪୧୫୮୩*

## ବୋଉର ବେତ

ସନ୍ତୋଷ ଓ ବିକାଶ ଦୁଇ ଭାଇ । ଦୁଇ ଭାଇ ସିନା ପରସ୍ପରଙ୍କର ବିପରୀତ ଆଚରଣ । ବିକାଶ ଶାନ୍ତ, ସରଳ ପ୍ରକୃତିର । ତାର ଆଚାର, ବ୍ୟବହାର, ଚାଲିଚଳନ ମାର୍ଜିତ । ଆଉ ସନ୍ତୋଷ ଦୁଷ୍ଟ । ଚାଲିଲା ଶଗଡରେ ହାତ ମାରିବା ପିଲା । କାହା ବାଡିରୁ ଆମ୍ବ ଚୋରି କରେ ତ ଆଉ କାହାକୁ ଚିଡାଇ ବିରକ୍ତ କରିଦିଏ । ଯେତେ କହିଲେ ସେ ଶୁଣେ ନାହିଁ । ବାପା ଅନେକ ଥର ବୁଝାଇଲେଣି । ହେଲେ ସେ କଣ ଶୁଣୁଛି । ଗାଁର ଲୋକମାନେ କୁହନ୍ତି ଆରେ ସନ୍ତୋଷ ତୋ ଭାଇଟା କେତେ ବଢିଆ । ତା ପରି ହୁଅନ୍ତୁନି । କିନ୍ତୁ ଏ କଥାକୁ ସେ ଏକାନରେ ପୁରାଇ ସେ କାନରେ ବାହାର କରିଦିଏ । ସନ୍ତୋଷର ବୋଉ ତା ପାଇଁ ବହୁତ ମନଦୁଃଖ କରନ୍ତି । ବୋଉର ମୁହଁ ଶୁଖିଲା ଦେଖିଲେ ସହିପାରେ ନାହିଁ ସନ୍ତୋଷ । ପାଖକୁ ଚାଲିଯାଏ ଆଉ କୁହେ ବୋଉ ମୁଁ କଣ ଦୁଷ୍ଟ ? ବୋଉ କୁହନ୍ତି କିଏ କହିଲା ? ତୁ ମୋର ସୁନା ପିଲାଟା । ଏତିକି ଶୁଣି ସନ୍ତୋଷ ପୁଣି ଡିଆଁଟେ ମାରେ । ପରିବର୍ତ୍ତନ କିଛି ନାହିଁ । ଏହାପରେ ବୋଉଙ୍କୁ ସନ୍ତୋଷର ବାପା କୁହନ୍ତି ତୁମଠାରୁ ମୁହଁ ପାଇ ସେ ଏମିତି ହେଉଛି । ରାତିରେ ଶୋଇଲା ବେଳେ ବୋଉ ତାକୁ ଅନେକ ବୁଝାନ୍ତି । ସନ୍ତୋଷ ସବୁ ବୁଝେ । ସବୁ କଥା ତୋର ମାନିବି ବୋଲି କୁହେ । କିନ୍ତୁ ପୁଣି ସକାଳୁ ଯାହା ସେୟା । ବୋଉ ବିରକ୍ତ ହୁଅନ୍ତି । ବେଳେବେଳେ ବିକାଶକୁ କୁହନ୍ତି ତୁ ତାକୁ ଟିକେ ବୁଝାନ୍ତୁନି । ବିକାଶ କୁହେ ମୁଁ ବହୁତ ଚେଷ୍ଟା କରିଛି ବୋଉ କିନ୍ତୁ କିଛି ଲାଭ ହେଉନି । ଦିନେ ସନ୍ତୋଷ ତାଙ୍କ ପଡୋଶୀ ଜଗାମଉସାଙ୍କ ଗୁହାଳରୁ ବାଛୁରୀକୁ ଫିଟାଇଦେଲା । ବାଛୁରି ମନଖୁସିରେ ତାର ମାଆ ବଉଳାଠାରୁ କ୍ଷୀର ପିଇଲା । ସନ୍ତୋଷ ଏହାକୁ ଦେଖି ଭାରି ଖୁସି ହେଉଥାଏ । ଏତିକିବେଳେ ଜଗାମାଉସା ଆସି ପହଁଚିଗଲେ । ସନ୍ତୋଷ ତାଙ୍କୁ ଦେଖି ଦୌଡି ପଳାଇଲା । ବିଚରା ଜଗାମଉସା ଭାରି ଗରିବ । କ୍ଷୀର ବିକ୍ରି କରି ଟଙ୍କା ଆଣିଲେ ପରିବାର ଚଳାନ୍ତି । ଏଣୁ ସେ ବ୍ୟସ୍ତ ହୋଇପଡିଲେ । ଜଗାମଉସାଙ୍କ ସ୍ତ୍ରୀ କମଳା ମାଉସୀ ଭାରି ରାଗିଗଲେ । ଧାଇଁ ଯାଇ ସନ୍ତୋଷର ବୋଉଙ୍କୁ ଏକଥା କହିଲେ । ତୁମ ଦୁଷ୍ଟ ପୁଅ ଯୋଗୁଁ ଆମେ ଆଜି ଉପାସ ରହିବୁ । ବୋଉଙ୍କ ଆଗରେ ସନ୍ତୋଷକୁ କେହି ଦୁଷ୍ଟ ବୋଲି କହିଲେ ବୋଉ ସହିପାରନ୍ତି ନାହିଁ । କମଳା ମାଉସୀଙ୍କ କଡା କଥା ଶୁଣି ରାଗିଗଲେ ବୋଉ । ସନ୍ତୋଷକୁ ଡକାଇ ଖୁବ ଗାଳିକଲେ । କିନ୍ତୁ ବୋଉର ଗାଳିକୁ ସନ୍ତୋଷର ଖାତିର ନଥାଏ । ବୋଉ ଏକଥା ଜାଣିପାରିଲେ । ବଡ ପାଟିରେ କହିଲେ ବିକାଶ ସେ ଘରୁ ବେତଟା ଆଣିଲୁ । ବୋଉ କେବେ ଏମିତି ପାଟି କରି କହିନଥିଲେ । ବିକାଶ ଡରିଯାଇଥିଲା । ସେ ତୁରନ୍ତ ବେତଟି ଆଣି ବୋଉଙ୍କ ହାତକୁ ବଢାଇଦେଲ । ବୋଉ କହିଲେ ତୋତେ ପାଳିବାରେ ମୁଁ କେଉଁଠି ଭୁଲ କରିଛି ନିଶ୍ଚୟ । ତା ନହେଲେ ତୁ ଏପରି ଦୁଷ୍ଟ ହୋଇ ନଥାନ୍ତୁ । ଏହାକହି ନିଜ ହାତକୁ ନିଜେ ବେତରେ ପାହାର ଦେବାକୁ ଲାଗିଲେ । ସନ୍ତୋଷ ବୋଉଙ୍କର ହାତ ଉପରେ ନିଜ ହାତ ରଖିଦେଇ ଖୁବ କାନ୍ଦିବାକୁ ଲାଗିଲା । ସନ୍ତୋଷ କାନ୍ଦିକାନ୍ଦି କହୁଥିଲା ବୋଉ ତୁ ମୋ ପାଇଁ ସବୁ କରୁଛୁ । ପୁଣି ମୋପାଇଁ ତୁ ଦଣ୍ଡ ପାଇବୁ ? ଆକଟ କରିବାକୁ ବୋଉ ଅନେକଥରବେତ ଆଣିଛନ୍ତି କିନ୍ତୁ ମାରିନଥିଲେ । ଆଜି ନିଜେ ମୋ ପାଇଁ ଦଣ୍ଡ ପାଇଲେ କହି ଖୁବ କାନ୍ଦିବାକୁ ଲାଗିଲା ସନ୍ତୋଷ । ବୋଉ ତାକୁ କୋଳେଇ ନେଲେ । ତାପର ଦିନଠାରୁ ସନ୍ତୋଷ ବଦଳିଗଲା । ବୋଉ ଆଉ କେବେ ବେତ ଖୋଜିନାହାଁନ୍ତି କି ସନ୍ତୋଷ ଆଉ ଦୁଷ୍ଟ ହେଉନି ।

*ଶୁଭନାରାୟଣ ଶତପଥୀ*
*ବିଜିପୁର, ବ୍ରହ୍ମଗିରି, ପୁରୀ*
*ମୋ- ୯୪୩୮୪୩୨୦୨୩*

## ସିନ୍ଦୂର

ଧର୍ମ ନାଁ ପଚାରି ପର୍ଯ୍ୟଟକ ମାରି
ରକତେ ଖେଳିଲ ହୋଲି
ତୁମ କୁକୁର୍ମକୁ ଦେଖି ସାରା ବିଶ୍ୱ
ଯାଇଥିଲା ପୂରା ଦୋହଲି ।।
ପୁଅଠୁ ବାପାକୁ ସ୍ତ୍ରୀଠୁ ତା ସାମୀକୁ
ତୁମେରେ ଛଡ଼ାଇ ନେଲ
ଏଡେ ବେଇମାନୀ ଅବିବେକୀ ଆଉ
ଅମଣିଷ ପାଲଟିଲ ।।
ଦୟା କ୍ଷମା ତୁମ ନାହିଁ ଆତଙ୍କବାଦୀ
ବିଶ୍ୱକୁ ଜଣାଇ ଦେଲ
ନିରୀହ ପର୍ଯ୍ୟଟକଙ୍କୁ ହତ୍ୟା କରି
ବଡ ପାପ କରିଥିଲ ।।
ଦେଶ ଠାରୁ ବିଶ୍ୱ ସଭିଏଁ ଏହାର
କରିଥିଲେ ଦୃଢ଼ ନିନ୍ଦା
ଜନତାର ସ୍ୱର ଉଠିଲା ତୁମକୁ
କରିବା ପାଇଁକି ସିଧା ।।
ନିରୀହ ଲୋକଙ୍କୁ ହତ୍ୟା କରି ଯଉ
ଫୁଲାଉ ଥିଲରେ ଛାତି
ଆମ ସୈନିକର ପ୍ରହାରେ ସଭିଏଁ
ପଡିଲ କାମୁଡ଼ି ମାଟି ।।
କିଛିଦିନ ତଳେ ଧର୍ମ ନାଁ ପଚାରି
କରିଥିଲ ଯେଉଁ କାଣ୍ଡ
ତା ପ୍ରତିବଦଳେ ଆମେ ଏକାଥରେ
ନେଲୁ ଶହ ଶହ ମୁଣ୍ଡ ।।
ମଣିଷ ନାମରେ ତୁମେ କାପୁରୁଷ
ଜାଣିଲାରେ ଏଇ ଜଗତ
ତୁମେ ଯେଉଁ କ୍ଷତି କରିଥିଲ ତାର
ଜବାବ ଦେଲାରେ ଭାରତ
ଜବାବ ଦେଲାରେ ଭାରତ ।।

*ଦୀପକ କୁମାର ନାୟକ*
*ଗଣ୍ଡାନାଳୀ,*
*ହିନ୍ଦୋଳ,ଢେଙ୍କାନାଳ*
*ମୋବାଇଲ୍ -*
*୮୬୩୭୨୬୧୮୨୮*



## ।। ଉଧାର ଶୁଝିଲା ବଳଦ ।।

ଏ କାହାଣୀ ଉତ୍ତରାଖଣ୍ଡର ବିଶ୍ୱପ୍ରସିଦ୍ଧ ଧାମ କେଦାରନାଥ ଘାଟିରେ ପ୍ରସିଦ୍ଧ ଅଟେ । ଗୁରୁଜନମାନେ ଏ କାହାଣୀକୁ ସତ୍ୟକଥା ବୋଲି ମାନନ୍ତି ।

ଥରେ ଜଣେ ଯାତ୍ରୀ କେଦାରନାଥଙ୍କ ଦର୍ଶନ ନିମନ୍ତେ ଗଲେ । ପ୍ରଭୁ କେଦାରନାଥଙ୍କର ପୂଜା ଓ ଦର୍ଶନ ସାରି ଫେରିବାବେଳେ ଯେବେ ସେ ସୋନପ୍ରୟାଗରେ ପହଞ୍ଚିଲେ ଜାଣିଲେ ଯେ ତାଙ୍କ ନିକଟରେ ଥିବା ଟଙ୍କା ବଟୁଆ କୋଉଠି ଗଳି ପଡିଛି ।ଘରକୁ କେମିତି ଫେରିବେ ଚିନ୍ତାରେ ପଡିଲେ ।କେଦାରନାଥଠାରୁ ତାଙ୍କ ଘର ଅନେକ ଦୂର ।ସହାୟତା ନିମନ୍ତେ ସେ କିଛି ସହଯାତ୍ରୀଙ୍କୁ ଉଧାର ମାଗିଲେ ।କିନ୍ତୁ ସମସ୍ତଙ୍କଠାରୁ ନିରାଶ ହୋଇ ମନ ଦୁଃଖରେ ଗୋଟେ ଗଛ ତଳେ ବସିଥା'ନ୍ତି,ସେଇବେଳେ ନିକଟସ୍ଥ ଗ୍ରାମର ଶିବମ୍ ନାମକ ଜଣେ ଗରିବ ଲୋକ ତାଙ୍କ ପରିସ୍ଥିତି ଦେଖି ନିଜ ଘରକୁ ନେଇଗଲେ । ଯାତ୍ରୀଙ୍କର ଦୁଃଖରେ ମ୍ରିୟମାଣ ହୋଇ କିଛି ଟଙ୍କା ସାହାଯ୍ୟ କଲେ ।ଘରେ ପହଞ୍ଚି ସମସ୍ତ ଟଙ୍କା ଫେରାଇଦେବେ ବୋଲି କହି ଯାତ୍ରୀ ଶିବମ୍ ଙ୍କ ଠିକଣା ନେଇ ପଳାଇ ଆସିଲେ ।

ଏହି ଘଟଣା ଅତିକ୍ରାନ୍ତ ହୋଇସାରିଥାଏ । ଯାତ୍ରୀ ଶିବମ୍ ଙ୍କର ଟଙ୍କା ଫେରାଇପାରି ନଥା'ନ୍ତି । ଶିବମ୍ ଯାତ୍ରୀଙ୍କୁ ଦିନେ କିଛି ଟଙ୍କା ସାହାଯ୍ୟ କରିଥିଲେ ବୋଲି ମଧ୍ୟ ଭୁଲି ଯାଇଥା'ନ୍ତି । ଥରେ ସେ ନିଜ କ୍ଷେତରେ ହଳ କରିବାକୁ ଯୋଡ଼େ ବଳଦ କିଣି ଆଣିଲେ । ଯୋଡିବଳଦ ଘରକୁ ଆସିବା ପରେ ତାଙ୍କର ଦୁଃଖ-ଦରିଦ୍ର ଧୀରେ ଧୀରେ ଦୂର ହେବାକୁ ଲାଗିଲା । କିନ୍ତୁ ସୁଖର ଦିନ ବେଶିଦିନ ରହିଲା ନାହିଁ ।ହଠାତ୍ ଦିନେ ବାମ ପଟରେ ହଳ ଟାଣୁଥିବା ବଳଦ ମରିଗଲା । ବିଚରା ଶିବମ୍ ବଳଦକୁ ହରାଇ କିଛିଦିନ ଦୁଃଖରେ ଦିନ ବିତାଇଲେ । ପୁଣି ଥରେ ଅଣ୍ଟା ସଳଖି ନୂଆ ବଳଦଟିଏ କିଣିଲେ । ହେଲେ ପୂର୍ବ ବଳଦ ପରି ଦୁଇଟି ବଳଦର ଯୋଡି ଖାପ ଖାଇଲା ନାହିଁ ।ନୂଆ ବଳଦ ପୂର୍ବର ଡାହାଣ ପଟ ବଳଦଠାରୁ ଯୁବକ ଅବସ୍ଥା ଥାଏ ।ଫଳ ସ୍ୱରୂପ ଜମିରେ ହଳ ଚଲେଇବା ପାଇଁ ତାକୁ କଷ୍ଟ ହେଉଥାଏ । ଦୁର୍ବଳହୋଇ ଯିବାରୁ ତାକୁ ହଳରେ ଯୋଡିବା ସମ୍ଭବ ହେଲାନାହିଁ ।

ଦିନେ ଜଣେ ଅପରିଚିତ ଲୋକ ଶିବମ୍ ଙ୍କ ଘରେ ପହଞ୍ଚି ପଚାରିଲା-ଆପଣଙ୍କ ନାଁ ଶିବମ୍ ।

ହଁ-ଶିବମ୍ ଜଣାଇଲେ ।

ଏ ଭିତରେ ଅନେକଦିନ



ବିତିଗଲାଣି ।ଆପଣଙ୍କର ମନେ ଥିବ ଦିନେ ଜଣେ ଯାତ୍ରୀ ଆପଣଙ୍କଠାରୁ କିଛି ଟଙ୍କା ଉଧାର ନେଇ ନିଜ ଘରକୁ ଫେରିଥିଲେ ।ଲୋକ ଜଣକ ପୁଣିଥରେ ପଚାରିଲେ ।

ହଁ ଆଜ୍ଞା ! ମୁଁ ତ ପୂରାପୂରି ଭୁଲି ଯାଇଥିଲି ।କେଦାରନାଥ ଦର୍ଶନ ସାରି ଫେରିବାବେଳେ ତାଙ୍କ ଟଙ୍କା ବଟୁଆ କୋଉଠି ଗଳି ପଡି ଥିଲା ।ମୁଁ ତାଙ୍କ ପରିସ୍ଥିତି ଦେଖି କିଛି ଟଙ୍କା ସାହାଯ୍ୟ କରିଥିଲି । ଶିବମ୍ କହିଲେ ।

ମୁଁ ସେହି ଯାତ୍ରୀଙ୍କର ପୁଅ ।କେଦାରନାଥ ଦର୍ଶନ ସାରି ଫେରିବା ପରେ ମୋ ବାପାଙ୍କର ମୃତ୍ୟୁ ହୋଇଗଲା ।ମୃତ୍ୟୁ ପୂର୍ବରୁ ସେ ମୋତେ କିଛି ଜଣାଇବାକୁ ଚାହୁଁଥିଲେ ହେଲେ କିଛି ବି କହିପାରି ନଥିଲେ ।

ତେବେ ମୁଁ ଯେ ତୁମ ବାପାଙ୍କୁ ଟଙ୍କା ଦେଇଥିଲି ଏକଥା କିଏ କହିଲା ?

କିଛିଦିନ ତଳେ ମୁଁ ବାପାଙ୍କୁ ସ୍ୱପ୍ନରେ ଦେଖିଲି । ସେ ମୋତେ କହୁଥାନ୍ତି-ଶିବମ୍ ନାମକ ବ୍ୟକ୍ତିଠାରୁ କିଛି ଟଙ୍କା ଉଧାର ଆଣିଥିଲି, ଶୁଝି ପାରିନାହିଁ ।ଉଧାର ଟଙ୍କା ପରିଶୋଧ କରିବାକୁ ବଳଦ ରୂପେ ଜନ୍ମ ନେଇଛି । ଆପଣଙ୍କର ସମସ୍ତ ଟଙ୍କା ଶୁଝିଦେବାକୁ ସେ ଚାହୁଁଛନ୍ତି ।ହେଲେ ବଳଦ ରୂପେ ସେ ଏବେ ଦୁର୍ବଳ ହୋଇପଡିଛନ୍ତି ।ସେଥିପାଇଁ ସେ ମୋତେ କହିଛନ୍ତି ଅବଶିଷ୍ଟ ଧନରାଶି ଆପଣଙ୍କୁ ଫେରାଇଦେଲେ ତାଙ୍କୁ ବଳଦ ଶରୀରରୁ ମୁକ୍ତି ମିଳିବ ।

ଏହା କହି ଯାତ୍ରୀଙ୍କ ପୁଅ ଅବଶିଷ୍ଟ ଧନରାଶି ଶିବମ୍ ଙ୍କ ହାତରେ ଦେଲେ ।ଯେମିତି ଉକ୍ତ ଧନରାଶିକୁ ଶିବମ୍ ଧରିଛନ୍ତି ଅନତି ଦୂରରେ ଶୋଇଥିବା ବଳଦର ପ୍ରାଣବାୟୁ ଉଡ଼ିଗଲା ।

(ଉତ୍ତରାଖଣ୍ଡ ଲୋକକଥା)

*ସୁଧାଂଶୁ ଶେଖର ଦ୍ୱିବେଦୀ*
*ବିସି-୭୪,ସେକ୍ଟର-୧,ସଲ୍ଟ ଲେକ୍,*

## ଆ'ରେ ବାନ୍ଧିବୁ ବସା

ଏକା ଏକା ତାଳଗଛ
ମୁଣ୍ଡଟେକି ଠିଆ
ନାହିଁ ଆଉ ଗାଆଁମୁଣ୍ଡେ
ବୁଦା ବୁଦା କିଆ ।

ତାଳଗଛ ଝୁରୁଅଛି
ନିତି ହେଲେ ସଞ୍ଜ
ବାଇଚଢେଇତ ନାହିଁ
କରିବାକୁ ଖଞ୍ଜ ।।

ଝଡ଼,ବରଷାକୁ ତାର
ନଥିଲାତ ଡର
କୁଟା କାଠି ଥଣ୍ଟେ ଆଣି
ଗଢୁଥିଲା ଘର ।।

ବସାଦେହେ ପବନରେ
ଝୁଲି ଝୁଲି ସେତ
ନିର୍ଭୟରେ ରହି ସେହି
ଗାଉଥିଲା ଗୀତ ।।

ସୁଖତାର ଥିଲା ଗଛେ
ନଥିଲାତ ଦୁଃଖ
ତାକୁ ଦେଖି ହେଉଥିଲା
ହସ ହସ ମୁଖ ।।

ଶିଖୁଥିଲେ ଚଢେଇଠୁ
ସହିବାର ଗୁଣ
ଶୁଝିପାରିବାନି ଆମେ
ଚଢ଼େଇର ଋଣ ।।

ପିଲାମାନେ ଦେଖୁଥିଲେ
ଗଛତଳେ ରହି
କେମିତି ଚଢେଇ କାଟେ
କାଳ ଝଡ ସହି ।।

ହାତଠାରି ଡାକେ ଗଛ
ଚଢେଇକୁ ଥାଇ
ଆ'ରେ ବାନ୍ଧିବୁବସା
ମିଠା ଗୀତ ଗାଇ ।।

*ପ୍ରଶାନ୍ତ କୁମାର ଦାଶ*
*କୁଞ୍ଜର -ସଙ୍ଗଳାଇ*
*ପିପିଲି -ପୁରୀ*
*ମୋବାଇଲ -୯୬୬୮୮୨୨୧୯୦*

## ଶ୍ରମିକ ଭାଇରେ ଶ୍ରମିକ ଭାଇ....



ଶ୍ରମିକ ଭାଇରେ ଶ୍ରମିକ ଭାଇ
ତୋ'ପରି ମଣିଷ ଜଗତେ ନାହିଁ
ସଅଳ ଉଠିତୁ କର୍ମକ୍ଷେତ୍ର ଯାଉ
ଶାଗ ପଖାଳକୁ ହରଷେ ଖାଇ ।
ଖରା ବର୍ଷା ଶୀତ ତୋହରି ମିତ
ତାଂକ ପାଇଁ ତୁହି ନକରୁ ମଠ
ମୁଣ୍ଡ ଝାଳ ତୁଣ୍ଡେ ମାରି ଶ୍ରମ କରୁ
ତୋ'ପାଇଁ ହସଇ ସାରା ଜଗତ ।
କଳ କାରଖାନା ସେତୁ ସଡକ
ଦେବାଳୟ ଅବା ସ୍ତୁପ ମଣ୍ଡପ
କୋଠା ଅଟ୍ଟାଳିକା ଗୀର୍ଜା ମସଜିଦ୍
ଗଢୁ ତୁହି ଦେଇ ଜୀବନ୍ତ ରୂପ ।
ଦେଶ ବକାଶରେ ତୋହରି ହାତ
କର୍ମ କରୁ ସାଜି ତୁ ଦେବଦୂତ
ଅନ୍ୟ ହିତ ପାଇଁ ନିଜେ ଦୁଃଖ ପାଉ
କର୍ମ କରୁଥାଉ ସରାଗେ ନିତ୍ୟ ।
ସ୍ୱଳ୍ପ ମଜୁରୀରେ ଖୁସିରେ ରହୁ
ଯାହା ମିଳେ ଅତି ସରାଗେ ଖାଉ
କର୍ମ ଅଟେ ପରା ଜୀବନର ଧର୍ମ
ଏକଥା ପରାଣେ ତୁ ମାନିଥାଉ ।
ତୋ'ପାଇଁ ଚିନ୍ତିତ ସର୍ବେ ଜଗତେ
ନ୍ୟୁନତମ ଦେୟ ମିଳିବ ତୋତେ
କାମ କରିବାର ସମୟର ସୀମା
ମାନିବେ ଜନତା ତୋହରି ହିତେ ।
ପ୍ରଭୁଂକ ଚରଣେ ଏହି ମିନତି
ତୋ ଜୀବନେ ଆସୁ ଦ୍ରୁତ ପ୍ରଗତି
ସୁଖମୟ ହେଉ ତୋହରି ଜୀବନ
ଆନନ୍ଦରେ ବିତୁ ତୋ ଦିନରାତି ।

*ରାମଚନ୍ଦ୍ର ବେହେରା*
*ତେନ୍ତୁଳିପଦା,ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

## କେଡ଼େ ସୁନ୍ଦର ମୋ ମାମୁଁ ଘର

କେଡ଼େ ସୁନ୍ଦର ମୋ ମାମୁଁଘର
ଭୁଲିବି ନାହିଁ ନାଆଁ
ନଦୀ ପୋଖରୀ ବଣ ପାହାଡ଼
ମଝିରେ ସେହି ଗାଆଁ ।
ତୋଟା ମାଳରେ ଗଛ ଡାଳରେ
କୋଇଲି ଗୀତ ଗାଏ
ଚାଳରୁ ଚାଳ ଘର ଚଟିଆ
ସକାଳେ ଉଡୁଥାଏ ।
ପାହାନ୍ତିଆରୁ କୁକୁଡ଼ା ଡାକେ
ଚେତା କରାଇ ଦିଏ
ଛାତ ଚାଳରେ କାଉ ରାବଇ
ନିଦଟି ଭାଙ୍ଗିଯାଏ ।
ନାନା ପ୍ରକାର ଫୁଲ ଫୁଟଇ
ମହକେ ଚଉଦିଗ
ଆଇ ମୋ ଯାଇ ଫୁଲ ତୋଳଇ
ଚାଙ୍ଗୁଡ଼ି ଧରି ଆଗ ।
ଫୁଲ ମାଳଟେ ଗୁନ୍ଥି ଦିଅଇ
ଦିଅଁଙ୍କୁ ଦେବା ପାଇଁ
ଭକତି ଭରେ ଠାକୁର ପୂଜେ
ଭଜନ ଦିଏ ଗାଇ ।
ସକାଳ ହେଲେ ତପନ ଉଏଁ
କିରଣ ଦିଏ ବୁଣି
ଖୁସି ଲାଗଇ ଗଛ ଡାଳରେ
ପକ୍ଷୀଙ୍କ ଗୀତ ଶୁଣି ।
କଜଳପାତି ବଣି ଚଢ଼େଇ
କୁନି ଡେଣା କୁ ଝାଡ଼ି
ଡାଳରୁ ଡାଳ ମନ ହରଷେ
ଖେଳନ୍ତି ନିତି ଉଡ଼ି ।
ମନ୍ଦିରୁ ଶୁଭେ ଘଣ୍ଟି ଶବଦ
ଭଜନ ଭାଗବତ
ଧୂପ ଦୀପରେ ମହକି ଯାଏ
ଆନନ୍ଦ ହୁଏ ଚିତ୍ତ ।
ଚାଷୀ ଭାଇଟି କ୍ଷେତରେ ନିଜେ
ପରିବା ଚାଷ କରେ
ପର୍ବ ପର୍ବାଣୀ ପାଳନ ହୁଏ
ଖୁସିରେ ସବୁ ଘରେ ।

ନଳିନୀ ଦାଶ, ଭିକାରିପଡା, ଶରଣକୁଳ
ନୟାଗଡ
ମୋ - ୯୨୩୮୯୯୬୬୪୯

### ଜୁନ୍ ୨୦୨୫ରୁ ଭୁବନେଶ୍ୱରରୁ ଆବୁଧାବିକୁ ସିଧାସଳଖ ବିମାନ ଉଡ଼ାଣ

# ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ଜୁନ୍ ୨୦୨୫ରୁ ଭୁବନେଶ୍ୱରରୁ ଆବୁଧାବିକୁ ସିଧାସଳଖ ବିମାନ ଉଡ଼ାଣ କରିବ । ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଅନ୍ତର୍ଜାତୀୟ ସଂଯୋଗୀକରଣ ବୃଦ୍ଧି କରିବା ଉଦ୍ଦେଶ୍ୟରେ ରାଜ୍ୟ ପାଇଁ ଏକ ଐତିହାସିକ ବିମାନ ଚଳାଚଳ ପଦକ୍ଷେପ ନେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃତଜ୍ଞତା ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋସିଆଲ ମିଡିଆ ଏକ୍ସରେ ସେୟାର କରାଯାଇଥିବା ଏକ ପୋଷ୍ଟରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ବିଶ୍ୱ ମାନଚିତ୍ରରେ ଓଡ଼ିଶାକୁ ସ୍ଥାନିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଥିବାରୁ ସେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି । ଏହା ଦ୍ୱାରା ପର୍ଯ୍ୟଟନ, ବାଣିଜ୍ୟ ଏବଂ ଅନ୍ତର୍ଜାତୀୟ ସମ୍ପର୍କ ବୃଦ୍ଧି ହେବ । ଯାହା ଏକ ବିକଶିତ ଓଡ଼ିଶା ଗଠନ କାର୍ଯ୍ୟକୁ ସୁଦୃଢ଼ କରିବ । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି, ଟେମ୍ପଲ ସିଟିରୁ ଗ୍ଲୋବାଲ୍ ଗେଟୱେ ! ଏହି ଐତିହାସିକ ବିମାନ ଚଳାଚଳ ଅଭିଯାନକୁ ସ୍ୱୀକୃତି ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ । ଏହି ପଦକ୍ଷେପ ଅନ୍ତର୍ଗତ ଅନ୍ତର୍ଜାତୀୟ ବିମାନ ଚଳାଚଳ ଆରମ୍ଭ କରିବା ରାଜ୍ୟ ସରକାରଙ୍କର ଓଡ଼ିଶାର ସଂଯୋଗୀକରଣକୁ ଉନ୍ନତ କରିବା ଏବଂ ଏହାକୁ ବିଶ୍ୱ ବ୍ୟବସାୟ ଏବଂ ସାଂସ୍କୃତିକ ଆଦାନପ୍ରଦାନର ଏକ ଉଦୀୟମାନ କେନ୍ଦ୍ର ଭାବରେ ପ୍ରୋତ୍ସାହିତ କରିବା ପାଇଁ ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରିବ ବୋଲି ରାଜ୍ୟ ସରକାର ଆଶା ପ୍ରକାଶ କରିଛନ୍ତି ।

# ସମୃଦ୍ଧ ଓଡ଼ିଶା ଗଠନ ଓ ବିକାଶ ପାଇଁ ମା' ତାରାତାରିଣୀଙ୍କ ପୂଜାର୍ଚ୍ଚନା କରିଛି: ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଦିନିକିଆ ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ଦକ୍ଷିଣ ଓଡ଼ିଶା ପ୍ରସିଦ୍ଧ ଦେବୀ 'ମା ତାରାତାରିଣୀଙ୍କୁ ପୂଜାର୍ଚ୍ଚନା କରିଛନ୍ତି । ଏହି ଗସ୍ତକାଳରେ ମୁଖ୍ୟମନ୍ତ୍ରୀ ପ୍ରଥମେ ମା' ତାରାତାରିଣୀଙ୍କ ପୀଠରେ ପହଞ୍ଚି ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ । ସମୃଦ୍ଧ ଓଡ଼ିଶା ଗଠନ ଓ ଓଡ଼ିଶାର ବିକାଶ ପାଇଁ ମା' ତାରାତାରିଣୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥିବା ସେ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ମା' ତାରାତାରିଣୀ ପୀଠର ବିକାଶ ଦିଗରେ ସମସ୍ତ ପ୍ରକାର ବିହିତ ପଦକ୍ଷେପ



ଗ୍ରହଣ କରାଯିବ । ମା'ଙ୍କ ଦର୍ଶନ, ପୂଜାର୍ଚ୍ଚନା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ମା'ଙ୍କୁ ଦର୍ଶନ କରିବା ପରମ ସୌଭାଗ୍ୟ ହେଲା । ବିକଶିତ, ସମୃଦ୍ଧ ଓଡ଼ିଶା ପାଇଁ ମା'ଙ୍କ ନିକଟରେ ପ୍ରାର୍ଥନା କରିଛି । ରାଜ୍ୟର ଲୋକଙ୍କ ବିକାଶ ହେଉ । ମା' ତାରାତାରିଣୀ ପୀଠର ପୂଜକ କହିଛନ୍ତି, ମା'ଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ପ୍ରାୟ ୨୦ ମିନିଟ୍ ଯାଏଁ ପୂଜାର୍ଚ୍ଚନା କରି ସମସ୍ତଙ୍କ ମଙ୍ଗଳ କାମନା କରିଛନ୍ତି । ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗାଙ୍ଗଦହଣୀର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ସମାରୋହରେ ଯୋଗ ଦେଇଥିଲେ । ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଭବିଷ୍ୟତ ଗଠନ ବିଷୟରେ ପ୍ରଶ୍ନ କରିଥିଲେ । ବିଦ୍ୟାଳୟ ବୁଲି ଦେଖିଥିଲେ ।

# ବିଶ୍ୱ ରେଡକ୍ରସ ଦିବସରେ ରେଡକ୍ରସ ସ୍ୱେଚ୍ଛାସେବୀଙ୍କୁ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ମେ'୮ରେ ବିଶ୍ୱ ରେଡକ୍ରସ ଦିବସ ଅବସରରେ ରେଡକ୍ରସ୍ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶଂସା କରିଛନ୍ତି । ସଙ୍କଟ ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେମାନଙ୍କ ଅଟଳ ମନୋଭାବ ଏବଂ ମାନବିକ ସେବା ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସେୟାର କରାଯାଇଥିବା ଏକ ବାର୍ତ୍ତାରେ, ମୁଖ୍ୟମନ୍ତ୍ରୀ ସ୍ୱେଚ୍ଛାସେବୀମାନଙ୍କ ନିସ୍ୱାର୍ଥପର ସମର୍ପଣ ଭାବନାକୁ ପ୍ରଶଂସା କରିଛନ୍ତି ଏବଂ ସଙ୍କଟ ଜନକ ସ୍ଥିତିରେ ରିଲିଫ୍ ଏବଂ ସମର୍ଥନ ପ୍ରଦାନ କରିବାରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିଛନ୍ତି । ବିପର୍ଯ୍ୟୟ ସମୟରେ, ସେମାନଙ୍କର ସାହସ ଏବଂ କରୁଣା ଉଜ୍ଜ୍ୱଳ ତାରକା ଭାବେ କାର୍ଯ୍ୟ କରିଥାଏ । ଆସନ୍ତୁ ଆମେ ମାନବିକ ପ୍ରୟାସକୁ ସମର୍ଥନ କରିବା ଏବଂ ରେଡକ୍ରସ୍ ପ୍ରତିନିଧିତ୍ୱ କରୁଥିବା ମାନବିକତା, ନିରପେକ୍ଷତା ଏବଂ ସ୍ୱେଚ୍ଛାସେବୀ ସେବାର ଆଦର୍ଶକୁ ବଜାୟ ରଖିବା ।

**ଅପରେସନ ସିନ୍ଦୂର ପ୍ରଭାବ: ଭୁବନେଶ୍ୱର ବିମାନବନ୍ଦରରୁ ୨ଟି ବିମାନ ଉଡ଼ାଣ ବାତିଲ**

ଭୁବନେଶ୍ୱର: ଅପରେସନ ସିନ୍ଦୂର ପରେ ଦେଶରେ ହାଇ ଆଲର୍ଟ ଜାରି କରାଯାଇଛି । ଏହାକୁ ଦୃଷ୍ଟିରେ ରଖି, ଗୁରୁବାର ଓଡ଼ିଶାର ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ୨ଟି ବିମାନର ଉଡ଼ାଣକୁ ବାତିଲ କରାଯାଇଛି । ଭୁବନେଶ୍ୱରରୁ ପାଟନା ଦେଇ ଚଣ୍ଡିଗଡ଼ ଯାଉଥିବା ବିମାନକୁ ମଧ୍ୟ ବାତିଲ କରାଯାଇଥିବା ଜଣାପଡ଼ିଛି । ଗୁରୁବାର ବିମାନବନ୍ଦରରେ ଉଡ଼ାଣ ବାତିଲକୁ ନେଇ କିଛି ଯାତ୍ରୀ ସମସ୍ୟାରେ ପଡ଼ିଥିଲେ । ଏହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା ।

# ଧାମନଗର ସରକାରି ସିକୃତିପ୍ରାପ୍ତ ମଦ ଦୋକାନକୁ ଘେରିଲେ ମହିଳା

ଭଦ୍ରକ : ଭଦ୍ରକ ଜିଲା ଧାମନଗର ବଜାର ରେ ଥିବା ସରକାରୀ ସିକୃତି ପ୍ରାପ୍ତ ମଦ ଦୋକାନ ରେ କେତେକ ମହିଳା ମାନେ ମଦ ଦୋକାନ ଚାବି ପକାଇ ହୋହାଲା କରୁଥିବା ଦେଖିବାକୁ ମିଳିଥିଲା । ଖବର ରୁ ପ୍ରକାଶ ଯେ ବୁଧବାର ଦିନ ଜୟନଗର ଗ୍ରାମର ଜୈନିକ ଯୁବକ ଉକ୍ତ ମଦ ଦୋକାନ କୁ ମଦ ନେବାକୁ ଆସିଥିବା ବେଳେ କିଣାଦରଠାରୁ ଅଧିକ ୧୦ ଟଙ୍କା ନେଉଥିବା ଅଭିଯୋଗ କରି ମଦ ଦୋକାନୀ କର୍ମଚାରି ଙ୍କୁ ଗାଳି ଗୁଲଜ କରି ଫେରି ଆସୁଥିବା ବେଳେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ତେବେ ପୁର୍ବ ରାଗରଖି ଉକ୍ତ ଗ୍ରାମର ମହିଳା ମାନେ ଦିନ ୧୧ ଟା ଠାରୁ ୨ ଟା ପର୍ଯ୍ୟନ୍ତ ମଦ ଦୋକାନ ରେ ତାଲା ପକାଇ ହୋହାଲା କରିଥିଲେ । ଖବର ପାଇ ଧାମନଗର ପୋଲିସ ଘଟଣା ସ୍ଥଳରେ ପହଂଚି ମହିଳା ମାନଙ୍କୁ ବୁଝାସୁଝା କରି ଥାନା କୁ ନେଇଥିଲେ ଓ ପରେ ବୁଝା ଯିବ ବୋଲି କହିଥିଲେ । ଅପର ପକ୍ଷେ ମଦ ଦୋକାନୀ କର୍ମଚାରି ଙ୍କୁ ମହିଳା ମାନେ ଟଣାଓଟରା କରିଥିଲେ ।ତେବେ କିଣା ଦର ଠାରୁ ଅଧିକ ୧୦ ଟଙ୍କା ନେବାକୁ ଅସ୍ୱୀକାର କରିଥିଲେ । ତେବେ ଘଟଣା ଘଟିଥିଲେ ମଧ୍ୟ ଥାନାରେ କୌଣସି ମାମଲା ରୁଜୁ ହୋଇନଥିଲା ।

# ହରିଶଙ୍କରଠାରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଆରମ୍ଭ

ବଲାଙ୍ଗିର : ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକର ପବିତ୍ର ଧର୍ମ କ୍ଷେତ୍ର ତଥା ପର୍ଯ୍ୟଟନ ସ୍ଥଳି ହରିଶଙ୍କର ଠାରେ ହେବାକୁ ଥିବା ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଆଜିଠୁ ଆରମ୍ଭ ହୋଇଛି । ୧୨ ତାରିଖ ପର୍ଯ୍ୟନ୍ତ ପାଂଚ ଦିନ ଧରି ଏହି ମେଳା ଚାଲିବ ବୋଲି ଜଣାଯାଇଛି । ସାଂସ୍କୃତିକ, ପୌରାଣିକ, ଧାର୍ମିକ, ଐତିହାସିକ ଓ କିମ୍ବଦନ୍ତୀ ଅନୁସାରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳାର ସ୍ୱତନ୍ତ୍ରତା ରହିଆସିଛି । ଗନ୍ଧମାର୍ଦ୍ଦନ ପାହାଡ଼ର ଗୋଟିଏ ପଟେ ହରିଶଙ୍କର ଓ ଅନ୍ୟପଟେ ବରଗଡ଼ ଜିଲ୍ଲାର ନୃସିଂହନାଥ ପୀଠ ରହିଛି । ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକଙ୍କ ସମାଗମ ହେଉଥିବା ବେଳେ ବୈଶାଖ ଚତୁର୍ଦ୍ଦଶୀ ମେଳାରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥାଏ ।

### ଚାକିରି ପ୍ରଲୋଭନ ଦେଖାଇ ୭ ଲକ୍ଷ ଟଙ୍କା ହଡ଼ପ

# ନୟାଗଡରୁ ୩ ଅଭିଯୁକ୍ତ ଗିରଫ



ଭୁବନେଶ୍ୱର : ପ୍ରଥମେ ଚାକିରିର ପ୍ରଲୋଭନ । ଅସ୍ଥାୟୀ ଚାକିରିରେ ନିଯୁକ୍ତି ଦେଇ ତିନି ମାସର ଦରମା ଦେଲେ । ଏହାପରେ ଆରମ୍ଭ ହେଲା ସାଇବର ଅପରାଧ । ଅଧିକ ସୁଧ ଦେବାର ପ୍ରତିଶ୍ରୁତି ଦେଇ ଟଙ୍କା ବିନିଯୋଗ ପାଇଁ ସାଇବର ଅପରାଧୀ ମାନେ ପକାଇଲେ ଥୋପ । ଲୋଭର ବଶବର୍ତ୍ତି ହୋଇ ଅଭିଯୋଗକାରୀଙ୍କ ଆକାଉଣ୍ଟରୁ ପୋଛିଦେଲେ ୭ ଲକ୍ଷ ଟଙ୍କା । ଭୁବନେଶ୍ୱର ସାଇବର ଥାନାରେ ଅଭିଯୋଗ ହେବା ପରେ ପୋଲିସ ନୟାଗଡ ଶରଣକୂଳରୁ ରାକେସ ସ୍ୱାଇଁ, ନୟାଗଡର ବାବୁଲା ସ୍ୱାଇଁ ଓ ରଶ୍ମୀରଞ୍ଜନକୁ ଗିରଫ କରିଛି ସାଇବର ଥାନା ପୋଲିସ । ଗିରଫ ଅଭିଯୁକ୍ତ ମାନେ ଆଉ କାହାକୁ ଠକିଛନ୍ତି ତାର ଛାନଭିନ କରୁଛି ସାଇବର ଥାନା ପୋଲିସ ।

# ଗୁଜୁରାଟରୁ ୩ ସାଇବର ଲୁଟେରା ଗିରଫ

ମାଲକାନଗିରି : ବଡ଼ ଧରଣର ସାଇବର ଠକେଇର ପର୍ଦ୍ଦାଫାସ କରି ଗୁଜରାଟରୁ ୩ ଜଣ ସାଇବର ଲୁଟେରାଙ୍କୁ ଗିରଫ କରିଛି କ୍ରାଇମବ୍ରାଂଚ । ମାଲକାନଗିରି ହାଇଟେକ୍ କଲୋନିର ମନୋଜ କୁମାର ଲାଉଡ଼ିଆଙ୍କ ଅଭିଯୋଗକ୍ରମେ କ୍ରାଇମବ୍ରାଂଚ ମାମଲାର ତଦନ୍ତ କରି ସଫଳତା ପାଇଛି କ୍ରାଇମବ୍ରାଂଚ । ଗିରଫ ଅଭିଯୁକ୍ତମାନେ ହେଲେ ମହମ୍ମଦ ମାଜ ଜୁବେରଭାଇ ଘାନଚି (୧୮), ଠାକର କରଶାନଜୀ ଶୋଭାଜୀ (୪୮) ଏବଂ କୁରେଶି କରଶାନଜୀ ଶୋଭାଜୀ (୩୧) । ଇଡି, ସିବିଆଇ, ପୁଲିସ, ଅର୍ଥ ବିଭାଗ, ନ୍ୟାୟାଳୟ ଅଧିକାରୀ ପରିଚୟ ଦେଇ ମନୋଜଙ୍କ ନିକଟରୁ ଗିରଫ ଅଭିଯୁକ୍ତମାନେ ୮୭ ଲକ୍ଷ ୬୩ ହଜାର ଟଙ୍କା ଠକି ନେଇଛନ୍ତି । କ୍ରାଇମବ୍ରାଂଚ ଇନିସ୍ପେକ୍ଟର ବିଭୁରଞ୍ଜନ ସୁନ୍ଦରାୟଙ୍କ ନେତୃତ୍ୱରେ ଏକ ଟିମ୍ ମାମଲାର ତଦନ୍ତ କରି ଗୁଜରାଟରୁ ଅଭିଯୁକ୍ତଙ୍କୁ ଗିରଫ କରିଛି । ୨୦୨୪ ଅଗଷ୍ଟରେ ମନୋଜ ଲାଉଡ଼ିଆଙ୍କୁ ଏକ ଅଜଣା ନମ୍ବର ୯୧୨୭୩୧୩୩୩୩ରୁ କଲ୍ ଆସିଥିଲା । ଟେଲିକମ୍ ରେଗୁଲେଟରି ଅଥରିଟି ଅଫ୍ ଇଣ୍ଡିଆରୁ କହୁଥିବା କହି ଅର୍ଥ ହେରଫେର, ମାନବ ଚାଲାଣ, ପରିଚୟ ଚୋରି, ଡ୍ରଗ୍ସ କାରବାରରେ ସମ୍ପୃକ୍ତ ଥିବା ନେଇ ଅଭିଯୁକ୍ତମାନେ ମନୋଜଙ୍କୁ ଡରାଇଥିଲେ । ଅଭିଯୁକ୍ତମାନେ ମନୋଜଙ୍କୁ ଟେଲିଗ୍ରାମ, ସ୍କାଇପ୍ ମାଧ୍ୟମରେ ଯୋଗାଯୋଗ କରୁଥିଲେ । ପରବର୍ତ୍ତୀ ସମୟରେ ଅଭିଯୁକ୍ତମାନେ ମନୋଜଙ୍କୁ ଏକ ନକଲି ସରକାରୀ ଦଲିଲ୍ ପଠାଇଥିଲେ । ଯେଉଁଥିରେ ସୁପ୍ରିମକୋର୍ଟ ନୋଟିସ୍, ଇଡିର ଗିରଫ ୱାରେଂଟ ଏବଂ ଅନ୍ୟାନ୍ୟ ଆଇନ ସମ୍ବନ୍ଧୀୟ ଦଲିଲ ଥିଲା । ମନୋଜ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ନେଇ ମଧ ଅଭିଯୁକ୍ତମାନେ ଡରାଇ ଥିଲେ ଏବଂ ସହଯୋଗ ନ କଲେ ଗିରଫ କରିବାକୁ ଚେତାବନୀ ଦେଇଥିଲେ । ମନୋଜ ଗିରଫ ଭୟରେ ମୋବାଇଲ୍ ନମ୍ବର ବଦଳାଇ ଦେଇଥିଲେ । ୨୦୨୪ ଅଗଷ୍ଟ ୩୦ରୁ ଅକ୍ଟୋବର ୨୩ ମଧ୍ୟରେ ବିଭିନ୍ନ ସମୟରେ ମନୋଜ ସାଇବର ଲୁଟେରାଙ୍କୁ ୮୭ ଲକ୍ଷ ୬୩ ହଜାର ୫୧୦ ଟଙ୍କା ପ୍ରଦାନ କରିଥିଲେ । ଟଙ୍କା ପାଇବା ପରେ ଲୁଟେରାମାନେ ଟେଲିଗ୍ରାମର ସମସ୍ତ ତଥ୍ୟକୁ ଡିଲିଟ୍ କରିଦେବା ପରେ ମନୋଜ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । କ୍ରାଇମବ୍ରାଂଚ ସହ ଯୋଗାଯୋଗ କରି ଏତଲା ଦେବା ପରେ ଘଟଣାରେ ସମ୍ପୃକ୍ତ ୩ ଲୁଟେରାଙ୍କୁ ଗୁଜରାଟରୁ ଗିରଫ କରାଯାଇଛି ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଯୋଗ ମାଧ୍ୟମରେ ମାନସିକ ଶାନ୍ତି' କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର : ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଯୋଗ ମାଧ୍ୟମରେ ମାନସିକ ଶାନ୍ତି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଅନ୍ତର୍ଜାତୀୟ ଯୋଗ ଦିବସ (ଆଇଡିୱାଇ) ୨୦୨୫ର ୧୦୦ ଦିନିଆ କାଉଂଟଡାଉନ୍ ଅବସରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସମନ୍ୱିତ କୃଷି ଓ ପ୍ରାକୃତିକ ସମ୍ପଦ ବିଦ୍ୟାଳୟ ପକ୍ଷରୁ ସୁନାବେଡ଼ାଠାରେ ଅବସ୍ଥିତ ଏହାର ସ୍ଥାୟୀ କ୍ୟାମ୍ପସରେ 'ଯୋଗ ମାଧ୍ୟମରେ ମାନସିକ ଶାନ୍ତି' ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ ଘାଟନ କରିଥିଲେ । ପ୍ରଫେସର ପଣ୍ଡା ତାଙ୍କ ଅଭିଭାଷଣରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରୟାସର ଫଳସ୍ୱରୂପ ଯୋଗକୁ ବିଶ୍ୱସ୍ତରୀୟ ମାନ୍ୟତା ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ମଣିଷର ଆଭ୍ୟନ୍ତରୀଣ ଶାନ୍ତି ଏବଂ ସାମଗ୍ରିକ କଲ୍ୟାଣକୁ ପ୍ରୋତ୍ସାହିତ କରିବାରେ ଯୋଗର ଭୂମିକା ଉପରେ ଆଲୋକପାତ କରିଥିଲେ ଏବଂ ବିଭିନ୍ନ କାର୍ଯ୍ୟକଳାପ ମାଧ୍ୟମରେ ଆଇଡିୱାଇ ଉତ୍ସବରେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ସାମିଲ କରିବା ପାଇଁ ଶିକ୍ଷା ମନ୍ତ୍ରଣାଳୟର ପଦକ୍ଷେପକୁ ପ୍ରଶଂସା କରିଥିଲେ । କୃଷି ବିଭାଗ ମୁଖ୍ୟ ଡ. ମଞ୍ଜୁଶ୍ରୀ ସିଂହ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଦୁଗ୍ଧ ବିଜ୍ଞାନ ବିଭାଗ ର ମୁଖ୍ୟ ଡ. ସଞ୍ଜୟ ପ୍ରଧାନ ଅତିଥି ଓ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିଥିଲେ । ସୁନାବେଡ଼ାସ୍ଥିତ ଆର୍ଟ ଅଫ୍ ଲିଭିଂର ମାନ୍ୟତାପ୍ରାପ୍ତ ପ୍ରଶିକ୍ଷକ- ଅଭୟ ସାହୁ, ବିଶ୍ୱରଞ୍ଜନ କାନୁନଗୋ ଓ ବେଦ ପ୍ରକାଶ ଦାସ ଯୋଗ ଅଧିବେଶନ ପରିଚାଳନା କରିଥିଲେ । ଏହି ଅଧିବେଶନରେ ବିଭିନ୍ନ ଆସନର ବର୍ଣ୍ଣନା ସହ ପ୍ରଦର୍ଶନ କରାଯାଇଥିଲା, ଯାହାକୁ ଉପସ୍ଥିତ ଲୋକମାନେ ସକ୍ରିୟ ଭାବରେ ଅଭ୍ୟାସ କରିଥିଲେ । ଛାତ୍ର କଲ୍ୟାଣ ଡିନ୍ ଡ. ରମେନ୍ଦ୍ର କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ ହିନ୍ଦୀ ବିଭାଗ ମୁଖ୍ୟ ଡ. ଚକ୍ରଧର ପଧାନ । କାର୍ଯ୍ୟକ୍ରମରେ ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଫେସର ରତିକାନ୍ତ କୁମ୍ଭାର ଓ ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଭରତ କୁମାର ପଣ୍ଡାଙ୍କ ସମେତ ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେ ଉତ୍ସାହଜନକ ଅଂଶଗ୍ରହଣ କରିଥିଲେ । କୃଷି ଓ ଦୁଗ୍ଧ ବିଜ୍ଞାନ ବିଭାଗ ମିଳିତ ଭାବେ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣେଇଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କୁ ନାଗରିକ କମିଟିର ଦାବିପତ୍ର ପ୍ରଦାନ

ବଲାଙ୍ଗିର : ବଲାଙ୍ଗିର ଜିଲ୍ଲାରେ ଶିକ୍ଷିତ ବେକାରୀ ଓ ବେରୋଜଗାର ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ତେଣୁ ନାଗରିକ କମିଟୀ ସାଧାରଣ ସଭାର ନିଷ୍ପତି କ୍ରମେ ବଲାଙ୍ଗିରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସଭାପତି ଡଃ. ଶ୍ରୀକର ମିଶ୍ରଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଜରିଆରେ ଏକ ୯ଦଫା ଦାବୀପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଛି । ବଲାଙ୍ଗିରରେ କୃଷିଭିତିକ ଶିଳ୍ପ ସ୍ଥାପନ କରିବା ଏବଂ କପା ଓ ଆଖୁ ଚାଷକୁ ପ୍ରୋତ୍ସାହନ ଦେବା ସହ ପୋନିସୁଗରକୁ ପୁନଃ କାର୍ଯ୍ୟକ୍ଷମ କରିବା, କୃଷି ବିଶ୍ୱବିଦ୍ୟାଳୟ, ଆୟୁଷ ବିଶ୍ୱବିଦ୍ୟାଳୟ ଓ ହୋମିଓପାଥି କଲେଜ ଖୋଲିବା ସହ ଆଇ.ଆଇ.ଟି ସ୍ଥାପନ କରିବା, ଆଇନ ଶୃଙ୍ଖଳା ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଡି.ଆଇ.ଜି ଅଫିସ ଖୋଲିବା, ରାଜସ୍ୱ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଆର.ଡି.ସି. ଅଫିସ ସ୍ଥାପନ କରିବା, ଭୀମଭୋଇ ସରକାରୀ ମେଡିକାଲ କଲେଜରେ ପି.ଜି. କ୍ଲାସ ଆରମ୍ଭ କରି ସବୁ ବିଭାଗରେ ପ୍ରଫେସର ନିଯୁକ୍ତି କରିବା, ତୁଷୁରା ଏୟାରଷ୍ଟ୍ରିପର ଉନ୍ନତିକରଣ ସହ ବଲାଙ୍ଗିରରୁ ରାଜଧାନୀ ଭୁବନେଶ୍ୱରକୁ ଉଡାନ ବ୍ୟବସ୍ଥା କରିବା ତଥା ବଲାଙ୍ଗିରରେ ଆଇ.ଟି. କ୍ଷେତ୍ରକୁ ପ୍ରାଧାନ୍ୟ ଦେଇ ଏହାର ଉନ୍ନତି କରିବା ଆଦି ଦାବୀ ଗୁଡିକ ପୁରଣ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ଅନୁରୋଧ କରାଯାଇଛି । ପୁନଶ୍ଚ ସଂପୃକ୍ତ ମନ୍ତ୍ରୀ ମହୋଦୟ ମାନଙ୍କୁ ତଥା ବିଭାଗୀୟ ପ୍ରମୁଖ ସଚିବ ମାନଙ୍କ ପାଖକୁ ଦାବୀପତ୍ରର ନକଲ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଯାଇଛି । ଆଜି ଏହି ଦାବୀପତ୍ର ଦେବା ସମୟରେ ନାଗରିକ କମିଟୀର ବହୁସଭ୍ୟ ଉପସ୍ଥିତ ଥିଲେ କିନ୍ତୁ ପ୍ରତିନିଧି ଭାବରେ ସଭାପତି ଶ୍ରୀ ମିଶ୍ରଙ୍କ ସହ ସଦସ୍ୟ ଗୋପବନ୍ଧୁ ପୁରୋହିତ, ଲୋକନାଥ ସିଂହ ଏବଂ ଡା. ପ୍ରମୋଦ ମିଶ୍ର ଜିଲ୍ଲାପାଳଙ୍କୁ ଦାବୀପତ୍ର ହସ୍ତାନ୍ତର କରିଥିଲେ ।

# ବରଯାତ୍ରୀ ପ୍ରୋସେସନରେ ମହିଳାମାନେ ଯୁବକଙ୍କ ସହ ନାଚିବାକୁ ମନା କରିବାରୁ ଯୁବକଙ୍କ ଉନ୍ମତ୍ତ କାଣ୍ଡ

ଭଦ୍ରକ : ବର ଯାତ୍ରୀ ପ୍ରୋସେସନରେ ମହିଳାମାନେ ଯୁବକଙ୍କ ସହିତ ମିଶି ନୃତ୍ୟ କରିବାକୁ ମନା କରିବାରୁ ଯୁବକମାନେ ଉନ୍ମତ୍ତ କାଣ୍ଡ ଘଟାଇଛନ୍ତି । କନ୍ୟା ଘରୁ ଫେରିବା ବାଟରେ ଗାଡି ଅଟକାଇ କଲେ ସଙ୍ଘ ବଦ୍ଧ ଆକ୍ରମଣ ଓ ଖରାପ ବ୍ୟବହାର । କେବଳ ସେତିକି ନୁହେଁ ସେମାନଙ୍କ ସୁନା ଚେନ କୁ ମଧ୍ୟ ଟାଣି ଗୋଟାରୀ ନେଇ ଫେରାର ହୋଇ ଯାଇଛନ୍ତି । ଏଭଳି ଘଟଣା ଘଟିଛି ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ ଥାନା ଅଧିନସ୍ଥ ଡଗରପଡା ଅଂଚଳରେ । ଏହି ଗ୍ରାମର କେତେକ ମହିଳା ତାଙ୍କ ସମ୍ପର୍କୀୟଙ୍କ ବାହାଘର ପାଇଁ ପିରିପୁର ଯାଇଥିଲେ । ସେଠାରୁ ସେମାନେ ବର ଯାତ୍ରୀ ହୋଇ ଧାମନଗର ଥାନା ସୋଧ ଗ୍ରାମକୁ ଯାଇଥିଲେ । ତେବେ ଗତ କାଲି ରାତିରେ ବର ପ୍ରସେସନ ରେ ଯାଉଥିଲା ବେଳେ ପ୍ରସେସନ ରେ ସାମିଲ ଥିବା ଡଗର ପଡା ଅଂଚଳ ର କେତେକ ଯୁବକ ସେଠାରେ ଉପସ୍ଥିତ ଥିବା ମହିଳା ଓ ଯୁବତୀ ମାନଙ୍କୁ ସେମାନଙ୍କ ସହିତ ନାଚିବା ପାଇଁ ଡାକିଥିଲେ । ତେବେ ମହିଳା ମାନଙ୍କୁ ନାଚିବା ପାଇଁ ତାଙ୍କ ସମ୍ପର୍କୀୟ ମାନେ ମନା କଲେ ।ତେଣୁ ଏଥିରେ ଉତକ୍ଷିପ୍ତ ହୋଇ ଯୁବକ ମାନେ ବର ଯାତ୍ରୀ ପ୍ରସେସନ ରୁ ପଳାଇ ଆସି ତାଙ୍କ ଗାଁ ପାଖ ରାସ୍ତାରେ ବାଉଁଶ ବାନ୍ଧି ଜଗି ରହିଥିଲେ । ଭୋର ସମୟ ରେ ସେହି ମହିଳା ମାନେ ନିଜ ସମ୍ପର୍କୀୟ ଙ୍କ ଘରକୁ ଫେରୁଥିବା ବେଳେ ସେମାନଙ୍କ ଗାଡି କୁ ଅଟକାଇ ଗାଡ଼ିରେ ଥିବା ପୁରୁଷ ଓ ମହିଳା ମାନଙ୍କୁ ଆକ୍ରମଣ ସହିତ ଖରାପ ବ୍ୟବହାର କରି ସେମାନଙ୍କ ସୁନା ହାର କୁ ଛିଣ୍ଡାଇ ନେଇ ଥିଲେ । ତେବେ ଖବର ପୋଲିସ ସେଠାରେ ପହଂହିଲା ବେଳକୁ ସେହି ଯୁବକ ମାନେ ଫେରାର ହୋଇ ଯାଇଥିଲେ । ପରେ ଆକ୍ରମଣ ର ଶିକାର ମହିଳା ମାନେ ଭଣ୍ଡାରିପୋଖରୀ ଥାନା କୁ ଯାଇ ଏ ସମ୍ପର୍କ ରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# କଟକରେ ମିଳିତ ଟ୍ରେଡ ୟୁନିଅନ କନଭେନସନ




କଟକ : ଆଜି ସ୍ଥାନୀୟ ଏସ୍ ଏନ୍ ସରକାର ମେମୋରିଆଲ ହଲ୍ ରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ଓ ସ୍ୱାଧୀନ କର୍ମଚାରୀ ଫେଡେରେସନ୍ ମାନଙ୍କର ଏକ ଜିଲ୍ଲା ସ୍ତରୀୟ କନଭେନସନ ହୋଇଯାଇଛି । ସର୍ବଶ୍ରୀ କିଶୋର ଜେନା, ରବିନାରାୟଣ ମଲ୍ଲିକ୍, ଖଗେଶ୍ୱର ସେଠୀ, ମନୋରଞ୍ଜନ ମହାରଣା, ଗୋକୁଳାନନ୍ଦ ବେହେରା ଓ ବିପିନ ପାଢ଼ୀ ସଭାପତିତ୍ୱ କରିଥିଲେ । ସର୍ବଶ୍ରୀ ଜନାର୍ଦ୍ଦନ ପତି, ଅମରେନ୍ଦୁ ମହାନ୍ତି, ରାଜକିଶୋର ମଲ୍ଲିକ୍, ମନୋରଞ୍ଜନ ମହାରଣା, ସୌଭାଗ୍ୟ କେତନ ସାମଲ, ଅଭୟ କୁମାର ଦାସ ଓ ବିଜୟ ପଢିଆରୀ ବକ୍ତବ୍ୟ ରଖି ମୋଦୀ ସରକାରର କର୍ପୋରେଟ ସପକ୍ଷବାଦୀ, ଶ୍ରମିକ ବିରୋଧୀ ଓ ସାଂପ୍ରଦାୟିକ ବିଭାଜନକାରୀ ନୀତି ବିରୁଦ୍ଧରେ ପ୍ରଚାର ଅଭିଯାନ ଚଳାଇଯିବା ପାଇଁ ଅନୁରୋଧ କରିଥିଲେ । ୨୦ ମଇ ଦେଶବ୍ୟାପୀ ଧର୍ମଘଟ ସଂପର୍କରେ ୧୫ ତାରିଖ ରେ ସର୍ବ ଭାରତୀୟ ସ୍ତରରେ ନିଷ୍ପତ୍ତି ଆସିବା ପର୍ଯ୍ୟନ୍ତ ଓ ତା ପରେ ମଧ ସାଧାରଣ ଶ୍ରମିକ କର୍ମଚାରୀମାନଙ୍କ ମଧ୍ୟରେ ସଭା ସମିତି ଜରିଆରେ ପ୍ରଚାର ଅଭିଯାନ ବ୍ୟାପକ କରିବା ପାଇଁ ଆହ୍ୱାନ କରିଥିଲେ । ଶେଷରେ ରବିନାରାୟଣ ମଲ୍ଲିକ୍ ଧନ୍ୟବାଦ ଦେଇଥିଲେ ।

# ନବନିର୍ମାଣ କୃଷକ ସଂଗଠନ ଜରିଆରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ସୁବର୍ଣ୍ଣପୁର : ନବନିର୍ମାଣ କୃଷକ ସଂଗଠନ ସୁବର୍ଣ୍ଣପୁର ଜରିଆରେ ଡୁଙ୍ଗୁରିପାଲି ବ୍ଲକ୍ ଚାଷୀ ମାନଙ୍କର ଏକ ପ୍ରତନିଧି ଦଳ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କୁ ଭେଟିଛନ୍ତି । ସେମାନେ ଜଣାଇଛନ୍ତି ଯେ, ୧୦ ମଇ ରେ ହୀରାକୁଦ କେନାଲ ପାଣି ବନ୍ଦ ହୋଇଗଲେ ଅନେକ ଅଂଚଳ, ଯେଉଁଠାରେ ଧାନ ଚାଷ ଆରମ୍ଭ ବିଳମ୍ବ ହେଇଥିଲା ଯଥା ଭିମଟିକିରା, ଅନ୍ଧାରିବାଞ୍ଜି, ବଡକର୍ଲେ, ପଣ୍ଡକିଟାଲ, ବେହେରାମାଲ୍, ରାମପୁର, ସମେଲେଇଚୁଁଆ ଆଦିରେ ଧାନ ଅପରିପକ୍ୱ ହେବ ଓ ତତ୍‌ଦ୍ୱାରା କଟନି ଛଟିନି ସମସ୍ୟା ବଢ଼ିବ ତଥା ଉତ୍ପାଦନ କମିବା ଦ୍ୱାରା ଚାଷୀ କ୍ଷତି ସହିବାର ସମ୍ଭାବନା ବଢିଯିବ ।

# ପୁରୀରେ ବିଶ୍ୱ ରେଡକ୍ରସ ଦିବସ ପାଳିତ

ପୁରୀ : ରେଡକ୍ରସ ବିଶ୍ୱ ର ସର୍ବ ବୃହତ ମାନବ ସେବାକାରୀ ଅନୁଷ୍ଠାନ । ପ୍ରାକୃତିକ ବିପର୍ଯ୍ୟୟ, ଯୁଦ୍ଧ ବା ଅନ୍ୟ ଯେ କୌଣସି ବିପର୍ଯ୍ୟୟ ର ସମ୍ମୁଖୀନ ମଣିଷ ମାନଙ୍କୁ ସହାୟତା ପାଇଁ ରେଡକ୍ରସ ସର୍ବ ପ୍ରଥମେ ପହଂଚି ଥାଏ । ଯୁଦ୍ଧ କ୍ଷେତ୍ରରେ ମଧ ଭେଦଭାବ ନ ରଖି ସେବା ଦେଇ ଥାଏ । ପୁରୀ ଜିଲ୍ଲା ରେଡକ୍ରସ ଶାଖା ସେହିପରି ମାନବସେବା କୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି ଓ ଏହି ସେବାକୁ ଆହୁରି ପରିବ୍ୟାପ୍ତ କରିବାକୁ ଆହ୍ୱାନ ଦେଇଛନ୍ତି ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା । ଆଜି ବିଶ୍ୱ ରେଡ୍‌କ୍ରସ ଦିବସ ଅବସରରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ରେଡ୍‌କ୍ରସ ପତାକାକୁ ଉତୋଳନ, ମହାପ୍ରଭୁଙ୍କ ପ୍ରତିମୂର୍ତି ଓ ରେଡକ୍ରସ ପ୍ରତିଷ୍ଠାତା ସାର ହେନେରୀ ଡୁନାଂଟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ସମ୍ମିଳନୀ ଗୃହରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ବେହେରା ସେବା ଏକ ଐଶ୍ୱରୀୟ ଗୁଣ । ଏହାକୁ ପ୍ରଦାନ କରୁଥିବା ପ୍ରତ୍ୟେକ ବ୍ୟକ୍ତି ମହାନ ଅଟନ୍ତି । ସମାଜରେ ବିଭିନ୍ନ ସେବାରେ ବ୍ରତୀ ସ୍ୱେଚ୍ଛାସେବୀ ମାନେ ସେମାନଙ୍କ ସେବାକୁ ଜାରି ରଖିବା, ବିଶେଷ କରି ରାସ୍ତା ଦୁର୍ଘଟଣାର ଶିକାର ବ୍ୟକ୍ତି ମାନଙ୍କୁ ଗୋଲଡେନ ପିରିୟଡ଼ ମଧ୍ୟରେ ଉଦ୍ଧାର କରି ସେବା ଯୋଗାଇଲେ ଅନେକ ମୂଲ୍ୟବାନ ଜୀବନ ବଂଚିପାରିବ ବୋଲି ସେ ମତ ଦେଇଥିଲେ । ରେଡକ୍ରସ ପୁରୀ ଜିଲ୍ଲା ଶାଖାର ସମ୍ପାଦକ ତଥା ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ଶିକ୍ଷା ଅଧିକାରୀ ଭାମନ ପ୍ରଧାନ, ରେଡକ୍ରସ ର ଯୁଗ୍ମ ସମ୍ପାଦକ ଗୀତାଞ୍ଜଳି ପଣ୍ଡା, କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତୀ ମହାପାତ୍ର ପ୍ରମୁଖ ଯୋଗଦେଇ ରେଡକ୍ରସ ସଂସ୍ଥା, ପ୍ରତିଷ୍ଠାତା ହେନ୍‌ରୀ ଡୁନାଂଟ ଓ ସେବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ରେଡକ୍ରସ ସଂଘ ପକ୍ଷରୁ ବିଶେଷ ଅବଦାନ ପାଇଁ ୮ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୧୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଆୟୁର୍ବେଦ ମହାବିଦ୍ୟାଳୟ ଓ କମଳା ଦେବୀ ମାତୃ ଚିକିତ୍ସାଳୟର ରୋଗୀ ମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।

### ଜନ୍ମ ପ୍ରମାଣ ପତ୍ରରେ ନାବାଳିକା

# ବାଲ୍ୟ ବିବାହ ରୋକିବାକୁ ଯାଇ ଫେରିଲେ ଶିଶୁ ମଙ୍ଗଳ ଅଧିକାରୀ

ଭୁବନ : ବାଲ୍ୟ ବିବାହ ରୋକିବା ନିମନ୍ତେ ଦେଶରେ ସ୍ୱତନ୍ତ୍ର ଆଇନ ରହିଛି । ତେବେ ବାଲ୍ୟ ବିବାହ ରୋକିବାକୁ ଯାଇ ନାକେଦମ୍ ହୋଇଛନ୍ତି ଶିଶୁ ମଙ୍ଗଳ ଅଧିକାରୀ । ଏପରି ଘଟଣା ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅଞ୍ଚଳରେ । ସୂଚନାଯୋଗ୍ୟ ଯେ, ଯାଜପୁର



ଜିଲ୍ଲା ସୁକିନ୍ଦା ଥାନା ଅଞ୍ଚଳରେ ନାବାଳିକା ଝିଅର ବାହାଘର ତାଙ୍କ ଶ୍ୱଶୁର ଘରେ ପ୍ରସ୍ତୁତି ଚାଲିଥିଲା । ମାନବାଧିକାର କର୍ମୀ ତଥା ସିଭିଲ ସୋସାଇଟି ଫୋରମର ସମ୍ପାଦକଙ୍କ ଅଭିଯୋଗ କ୍ରମେ ରାଜ୍ୟ ଶିଶୁ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ଭୁବନ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଭାଗବତୀ ଗୁରୁ ପୋଲିସ ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ । ଝିଅର ଆଧାର କାର୍ଡରେ ଜନ୍ମ ତାରିଖ ୨୦୦୮ ମସିହା ଥିବା ଓ ଅଙ୍ଗନୱାଡି କେନ୍ଦ୍ରରେ ମଧ୍ୟ ସମାନ ଜନ୍ମ ପଞ୍ଜିକରଣ ଥିବାରୁ ଚିନ୍ତାରେ ପଡିଥିଲେ ଅଧିକାରୀ । ପରିଶେଷରେ ଝିଅଙ୍କ ମାଟ୍ରିକ ପ୍ରମାଣ ପତ୍ରରେ ୧୮ବର୍ଷ ପୁରିଯାଇଛି କହି ବିବାହକୁ ସ୍ୱୀକୃତି ଦେଇ ଫେରିଆସିଥିଲେ । ତେବେ ଝିଅର ଜନ୍ମ ପ୍ରମାଣପତ୍ରରେ ନାବାଳିକା ଥିବା ଜଣାପଡିଛି ।

# ପୁଣି ସାଇବର କ୍ରାଇମ୍: ସରଳତାର ସୁଯୋଗ ନେଇ ଲୁଟିନେଲେ ୬.୫୦ ଲକ୍ଷ

ମାଲକାନଗିରି: ଅତି ସରଳ ଓ ନିରୀହ ବୋଲି ମାଲକାନଗିରି ଜିଲ୍ଲାର ଲୋକେ ଠକେଇର ଶିକାର ହୋଇଥାନ୍ତି । ଜିଲ୍ଲାରେ ଅନେକ ସାଇବର କ୍ରାଇମ୍ ଘଟୁଥିଲେ ମଧ୍ୟ ଏହା ଲୋକଲୋଚନକୁ ଆସିପାରୁ ନାହିଁ । କିନ୍ତୁ ବହୁ ଲୋକ ଯେତେବେଳେ ଲକ୍ଷାଧିକ ଟଂକା ହରାଇ ସର୍ବସ୍ୱାନ୍ତ ହେଉଛନ୍ତି ସେତେବେଳେ ପୁଲିସ ନିକଟରେ ଆସି ଗୁହାରି କରୁଛନ୍ତି । ଘଟଣା ଅନୁଯାୟୀ ସ୍ଥାନୀୟ ଦୁର୍ଗାଗୁଡ଼ିସାହିର ଶିକ୍ଷକ ଅଶୋକ କୁମାର ତ୍ରିପାଠୀଙ୍କୁ ୨୦୨୪ ମସିହା ଅକ୍ଟୋବର ୨୪ ତାରିଖ ଦିନ ତିନି ଜଣ ଅପରିଚିତ ବ୍ୟକ୍ତି ନିଜକୁ ମୁମ୍ବାଇ ପୁଲିସ ବୋଲି ପରିଚୟ ଦେଇ ଫୋନ କରିଥିଲେ । ତାଂକୁ କହିଥିଲେ ଯେ ତୁମର ଫୋନ ନମ୍ବର ୮୯୪୫୬୨୪୮୦୦ ନମ୍ବର ୧୭ଟି କେଶରେ




ଅନ୍ତର୍ଭୁକ୍ତ । ଏଥିସହ ତୁମର ଆଧାରକାର୍ଡ ଠକେଇ ମାମଲା ସହିତ ଜଡିତ ରହିଛି । ତୁମକୁ ତୁରନ୍ତ ଗିରଫ କରାଯିବ । ଏଥିରୁ ବର୍ତ୍ତିବାକୁ ହେଲେ ତୁମେ ତୁରନ୍ତ କିଛି ଟଂକା ଦେବାକୁ ପଡ଼ିବ । ୨୦୨୪ ଅକ୍ଟୋବର ୨୮ ତାରିଖ ଦିନ ଶ୍ରୀ ତ୍ରିପାଠୀ ଆସିଆଇସିଆଇ ବ୍ୟାଙ୍କର ଆକାଉଣ୍ଟ ନମ୍ବର ୪୫୫୯୦୫୦୦୦୧୨୬ରେ ୨ ଲକ୍ଷ ଟଂକା ଜମା କରିଥିଲେ, ଯାହାକି ଅରବିଟ ଏକ୍ସପୋର୍ଟ ଓ ଇମପୋର୍ଟ ନାମରେ ଉଲ୍ଲେଖ ରହିଥିଲା । ବନ୍ଧନ ବ୍ୟାଙ୍କ ଆକାଉଣ୍ଟ ନମ୍ବର ୨୦୨୦୦୦୬୪୬୩୨୫୪୨ରେ ୪ ଲକ୍ଷ ୫୦ ହଜାର ଟଂକା ଜମା କରିଥିଲେ । ଏହି ଆକାଉଣ୍ଟ ନମ୍ବର ମୁକେଶ କୁମାର ନାମରେ ରହିଥିଲା । ଏହା ପରେ ଏହି ବ୍ୟକ୍ତିମାନେ ତାଂକୁ ଛାଡିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ସେ ଠକାମୀରେ ପଡିଥିବା ଜାଣିବା ପରେ ଗତ ମାର୍ଚ୍ଚ ୮ ତାରିଖ ଦିନ ମାଲାକନଗିରି ଥାନାରେ ଏନେଇ ଏତଲା ଦାୟର କରିଥିଲେ । ଏତଲାକୁ ଭିତ୍ତି କରି ଆଇଆଇସି ରିଗାନ କିଣ୍ଡୋ ଏକ ଟିମ ଗଠନ କରି ରାଜସ୍ଥାନରୁ ଏହି ଘଟଣାରେ ସଂପୃକ୍ତ ଥିବା ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ । ଏମାନେ ହେଲେ ରାଜସ୍ଥାନର ଜେ ?ସଲମେର ଜିଲ୍ଲାର ବହୁକିରାନୀ ଗ୍ରାମର ମୁକେଶ କୁମାର(୨୨), ମନକୀର ସୁରେନ୍ଦ୍ର କୁମାର(୨୦) ଏବଂ ଗୌଡାର ନରେଶ କୁମାର (୨୧) । ଏମାନଙ୍କ ଠାରୁ ପୁଲିସ ଫେକ୍ ପୁଲିସ ପରିଚୟ ପତ୍ର, ଫେକ୍ ଏଫଆଇଆର, ଫେକ୍ ଆକାଉଣ୍ଟ ଷ୍ଟେଟମେଣ୍ଟ, ଫେକ୍ ସୁପ୍ରିମକୋର୍ଟ ନୋଟିସ୍, ଫେକ୍ ଇଡି ନୋଟିସ ଇତ୍ୟାଦି ଜବତ କରିଛି । ପୁଲିସ ଆଜି ଏହି ୩ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି ।

ମାତୃଭାଷା



# ଆଇପିଏଲ୍: ଅଧାରେ ବନ୍ଦ ହେଲା ପଞ୍ଜାବ-ଦିଲ୍ଲୀ ମ୍ୟାଚ୍



ଧର୍ମଶାଳା: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)-୨୦୨୫ର ୫୮ତମ ମ୍ୟାଚ୍ ଅଧାରେ ବନ୍ଦ ହୋଇଛି। ହିମାଚଳ ପ୍ରଦେଶ କ୍ରିକେଟ୍ ଆସୋସିଏସନ ଦ୍ୱାରା ଆୟୋଜିତ ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲସ୍ ଓ ପଞ୍ଜାବ କିଙ୍ଗସ ମୁହାଁମୁହିଁ ହୋଇଥିଲେ। ଧର୍ମଶାଳାରେ ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପଞ୍ଜାବ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ତେବେ ଷ୍ଟାଡିୟମରେ ଲାଇଟ୍ ପ୍ରଭାବିତ ହେବା ସହିତ ଅନିବାର୍ଯ୍ୟ କାରଣବଶତଃ ମ୍ୟାଚ୍‌କୁ ବନ୍ଦ କରାଯାଇଥିଲା। ଏହା ସହିତ ଦର୍ଶକଙ୍କୁ ଷ୍ଟାଡିୟମ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

# ଆଫ୍ରିଦିଙ୍କୁ କଡ଼ା ଜବାବ ଦେଲେ ଶିଖର ଧାୱନ



ନୂଆଦିଲ୍ଲୀ, ୮।୫: ଯେତେବେଳେ ୨୨ ଏପ୍ରିଲରେ ପହଲଗାମରେ ଏକ ଆତଙ୍କବାଦୀ ଆକ୍ରମଣ ହୋଇଥିଲା ଏବଂ ୨୬ ଜଣ ନିର୍ଦ୍ଦୋଷ ଲୋକଙ୍କ ଜୀବନ ଯାଇଥିଲା, ସେତେବେଳେ ପାକିସ୍ତାନୀ କ୍ରିକେଟର ଶାହିଦ ଆଫ୍ରିଦି ଭାରତୀୟ ସେନା ଉପରେ ପ୍ରଶ୍ନ ଉଠାଇଥିଲେ। ସେ ଗୋଟିଏ ପରେ ଗୋଟିଏ ଅନେକ ବିବାଦୀୟ ବୟାନ ଦେଇଥିଲେ। ଆଫ୍ରିଦିଙ୍କ ଦାୟିତ୍ୱହୀନ ବୟାନ ପରେ, ଟିମ ଇଣ୍ଡିଆର 'ଗବ୍ବର' ଅର୍ଥାତ ଶିଖର ଧାୱନ ସୋସିଆଲ ମିଡିଆରେ ନିଜର ମତ ଦେଇଛନ୍ତି। ଏବେ ଅପରେଶନ ସିନ୍ଦୂର ପରେ ମଧ୍ୟ ଶିଖର ଏପରି ଏକ ପୋଷ୍ଟ କରିଛନ୍ତି ଯେ ଲୋକମାନେ ଆଫ୍ରିଦିଙ୍କୁ ଟ୍ରୋଲ କରିବା ଆରମ୍ଭ କରିଦେଇଛନ୍ତି। ଶିଖର ଧାୱନ ସୋସିଆଲ ମିଡିଆରେ ଏକ ପୋଷ୍ଟରେ ଲେଖିଛନ୍ତି ଯେ ଭାରତ ଆତଙ୍କବାଦ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି, ଭାରତ ମାତା କି ଜୟ। ତାଙ୍କର ଟୁଇଟକୁ ଆଫ୍ରିଦିଙ୍କୁ ତାଙ୍କର ଉତ୍ତର ଭାବରେ ବିବେଚନା କରାଯାଉଛି। ଶିଖରଙ୍କ ପୋଷ୍ଟ ଭାଇରାଲ ହେବା ମାତ୍ରେ ଜଣେ ୟୁଜର ଲେଖିଛନ୍ତି – ଆଫ୍ରିଦି କେଉଁଠି ? ଆଉ ଜଣେ ତାଙ୍କର ଫଟୋ ଶେୟାର କରିଛନ୍ତି ଯେଉଁଥିରେ ସେ ହାତରେ ଏକ ପାତ୍ର ଧରି ଠିଆ ହୋଇଛନ୍ତି। ଆଉ ଜଣେ ୟୁଜର ଲେଖିଛନ୍ତି ଯେ ଏହି ପୋଷ୍ଟ ଦେଖିବା ପରେ ଆଫ୍ରିଦି ନିଶ୍ଚିତ ଭାବରେ ରାଗିଯିବେ। ସୂଚନାଯୋଗ୍ୟ, ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ, ଯେତେବେଳେ ପୂର୍ବତନ ପାକିସ୍ତାନ କ୍ରିକେଟର ଶାହିଦ ଆଫ୍ରିଦି ଭାରତୀୟ ସେନା ଉପରେ ଏକ ବିବାଦୀୟ ବୟାନ ଦେଇଥିଲେ, ଶିଖର ଧାୱନ ତାଙ୍କୁ ତାଙ୍କର ମତ ଦେଇଥିଲେ। ସେ ଲେଖିଥିଲେ – ଆମେ କାରଗିଲରେ ମଧ୍ୟ ପରାସ୍ତ ହୋଇଥିଲୁ, ତୁମେ ଏତେ ତଳକୁ ଖସିଯାଇଛ, ଆଉ କେତେ ତଳକୁ ଖସିବ, ଅନାବଶ୍ୟକ ମନ୍ତବ୍ୟ ଦେବା ପରିବର୍ତ୍ତେ ତୁମର ଦେଶର ପ୍ରଗତି ଉପରେ ଧ୍ୟାନ ଦେବା ଭଲ ଆଫ୍ରିଦି। ଆମେ ଆମର ଭାରତୀୟ ସେନା ଉପରେ ବହୁତ ଗର୍ବିତ। ଭାରତ ମାତା ଜିନ୍ଦାବାଦ! ଜୟ ହିନ୍ଦ। ୨୨ ଏପ୍ରିଲରେ ଜମ୍ମୁ-କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ୬-୭ ମଇ ରାତିରେ 'ଅପରେଶନ ସିନ୍ଦୂର' ଅଧୀନରେ ପାକିସ୍ତାନ ଏବଂ ପିଓକେରେ ଥିବା ୯ଟି ଆତଙ୍କବାଦୀ ଶିବିର ଉପରେ ଆକ୍ରମଣ କରିଥିଲା। ଆମେରିକା, ଇସ୍ରାଏଲ ଏବଂ ଫ୍ରାନ୍ସ ଭଳି ଦେଶ ଏହି ସଠିକ କାର୍ଯ୍ୟାନୁଷ୍ଠାନକୁ ସମର୍ଥନ କରିଥିଲେ, ଯେତେବେଳେ ତୁର୍କୀ, ଆଜରବାଇଜାନ ଏବଂ କତାର ପାକିସ୍ତାନ ସପକ୍ଷରେ ବିବୃତି ଜାରି କରିଥିଲେ।

# ଆଇପିଏଲ୍ ମ୍ୟାଚ୍ ମଧ୍ୟରେ ଆସିଲା ଧମକ ପୂର୍ଣ୍ଣ ଇମେଲ୍, ୨ଦିନରେ ତିନି ଧମକ



ମୁମ୍ବାଇ, ୮/୫ : ଆଇପିଏଲ୍ ୨୦୨୫ମଧ୍ୟରେ ଗତ ଦୁଇ ଦିନ ଭିତରେ ୩ଷ୍ଟାଡିୟମକୁ ବମରେ ଉଡ଼ାଇବାକୁ ଧମକ ମିଳିଛି। ଭାରତ ବୁଧବାର ପାକିସ୍ତାନ ଏବଂ ପାକିସ୍ତାନ କବ୍ଜାଧିନ ଥିବା କଶ୍ମୀରରେ ଥିବା ୯ଆତଙ୍କୀ ଠିକଣା ଉପରେ ଆକ୍ରମଣ କରିଥିଲା। ଏହାପରେ ଏହି ଧମକ ମିଳିବା ଆରମ୍ଭ ହୋଇଯାଇଛି । କୋଲକାତା ନାଇଟ ରାଇଡର୍ସ ଏବଂ ଚେନ୍ନାଇ ସୁପର କିଙ୍ଗସ ମଧ୍ୟରେ ବୁଧବାର ମ୍ୟାଚ୍ ଖେଳାଯାଇଛି । ଏହି ସମୟରେ କ୍ରିକେଟ ଆସୋସିଏଶନ ଅଫ ବେଙ୍ଗଲକୁ ଇଡେନ ଗାର୍ଡେନ୍ସ ଷ୍ଟାଡିୟମକୁ ବମରେ ଉଡ଼ାଇବାର ଧମକ ପୂର୍ଣ୍ଣ ଇମେଲ୍ ଆସିଥିଲା। ଯାହା ପରେ ମ୍ୟାଚରେ ସିକ୍ୟୁରିଟି ବଢାଇ ଦିଆଯାଇଥିଲା । ଏହା ପୂର୍ବରୁ ଅହମଦାବାଦରେ ଥିବା ନରେନ୍ଦ୍ର ମୋଦୀ ଷ୍ଟାଡିୟମକୁ ବି ବମରେ ଉଡ଼ାଇବାକୁ ଧମକପୂର୍ଣ୍ଣ ଇମେଲ୍ ଆସିଥିଲା । ଏହି ଇମେଲରେ ଲେଖାଥିଲା କି, ଆମେ ତୁମ ଷ୍ଟାଡିୟମକୁ ଉଡ଼ାଇ ଦେବୁ'। ଏହି ମେଲ୍ ପାକିସ୍ତାନ ନାମରେ ଗୁଜୁରାଟ କ୍ରିକେଟ ଆସୋସିଏଶନକୁ ଆସିଥିଲା। ସେହିଭଳି ଏବେ ଗୁରୁବାର ରାଜସ୍ଥାନର ଜୟପୁରରେ ଥିବା ସବାଇ ମାନ ସିଂହ ଷ୍ଟାଡିୟମକୁ ବମରେ ଉଡ଼ାଇବାକୁ ଧମକ ମିଳିଛି। ଏହି ମେଲ୍ ଜୟପୁର କ୍ରିକେଟ ଆସୋସିଏଶନକୁ ମିଳିଛି । ଏହି ଇମେଲରେ ଲେଖା ଅଛି କି, 'ଯଦି ହୋଇପାରୁଛି ତେବେ ସମସ୍ତଙ୍କୁ ବଞ୍ଚେଇ ଦିଅନ୍ତୁ'। ଷ୍ଟାଡିୟମକୁ ବମରେ ଉଡ଼ାଇବାର ଧମକ ମିଳିବା ପରେ ସୁରକ୍ଷା ଏଜେନ୍ସି ଯାଞ୍ଚ ଆରମ୍ଭ କରି ଦେଇଛି । ପ୍ରକାଶ ଯେ, ଭାରତୀୟ ସେନା ବୁଧବାର ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନକୁ ଜୋରଦାର ଜବାବ ଦେଇଥିଲା ।

# 'ଲାଇଟଠାରୁ ବି ଅଧିକ ସ୍ପିଡରେ ମୁଭ ଅନ କଲେ ଚହଲ'

ନୂଆଦିଲ୍ଲୀ, ୮ ।୫: ନୃତ୍ୟଶିଳ୍ପୀ ତଥା ଅଭିନେତ୍ରୀ ଧନଶ୍ରୀଙ୍କ ସହ ଛାଡପତ୍ର ପରେ କ୍ରିକେଟର ୟୁଜବେନ୍ଦ୍ର ଚହଲଙ୍କ ଆଫେୟାରର ଖବର ତୀବ୍ର ହୋଇଛି। ଚହଲଙ୍କୁ ପ୍ରାୟତଃ ଆରଜେ ମହଭାଶଙ୍କ ସହ ଦେଖିବାକୁ ମିଳିଥାଏ । ଉଭୟ ପରସ୍ପରକୁ ଡେଟ କରୁଥିବାର ରିପୋର୍ଟ ମଧ୍ୟ ରହିଛି। ଏବେ ଚହଲ ତାଙ୍କର କଥିତ ପ୍ରେମିକା ଆରଜେ ମହଭାଶଙ୍କ ପାଇଁ ଏକ ପୋଷ୍ଟ ଶେୟାର କରିଛନ୍ତି। ଘଟଣାହେଲା, ଆରଜେ ମହଭାଶଙ୍କ ନୂଆ ଧାରାବାହିକ 'ପ୍ୟାର, ପୈସା ଔର ପ୍ରଫିଟ' ମେ ୭ରୁ ଗଢ ପ୍ଲେୟାରରେ ଷ୍ଟ୍ରିମିଂ ହେଉଛି। ଏହା ଲିଡ ଅଭିନେତ୍ରୀ ଭାବରେ ମହଭାଶଙ୍କ ପ୍ରଥମ ଧାରାବାହିକ। ଏହାକୁ ନେଇ, ୟୁଜବେନ୍ଦ୍ର ଚହଲ ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ ତାଙ୍କ ସିରିଜର ପୋଷ୍ଟର ଶେୟାର କରିଛନ୍ତି। ଏହା ସହିତ ସେ କ୍ୟାପସନରେ ଲେଖିଛନ୍ତି – 'ଅଭିନନ୍ଦନ ଆରଜେ ମହଭାଶ, ମୁଁ ତୁମ ପାଇଁ ଗର୍ବିତ।' ଚହଲଙ୍କ ଏହି ପୋଷ୍ଟରେ ଆରଜେ ମହଭାଶ



ଅତ୍ୟନ୍ତ ଖୁସି। ସେ ଏହି କାହାଣୀକୁ ରିଶେୟାର ମଧ୍ୟ କରିଛନ୍ତି। ଅନ୍ୟପକ୍ଷରେ, ୟୁଜର୍ସମାନେ ସୋସିଆଲ ମିଡିଆରେ ଚହଲଙ୍କୁ ଟ୍ରୋଲ କରୁଛନ୍ତି। ଜଣେ ୟୁଜର କମେଣ୍ଟ କରିଥିଲେ – 'ଭାଇ ଆଲୋକର ଗତି ଅପେକ୍ଷା ଦ୍ରୁତ ଗତିରେ ଆଗକୁ ବଢ଼ିଲେ।' ଆଉ ଜଣେ ବ୍ୟକ୍ତି ମନ୍ତବ୍ୟ ଦେଇଛନ୍ତି: 'ସେମାନେ ନିଶ୍ଚିତ ଭାବରେ ପରସ୍ପରକୁ ଡେଟ କରୁଛନ୍ତି।' ଏହା ଧନଶ୍ରୀଙ୍କ ସହ ଛାଡପତ୍ର ପଛରେ ପ୍ରକୃତ କାରଣ ହୋଇପାରେ। ସୂଚନାଯୋଗ୍ୟ, ଏହା ପୂର୍ବରୁ ଆରଜେ ମହଭାଶ ମଧ୍ୟ ଅନେକ ଥର ୟୁଜଭେବନ୍ଦ୍ର ଚହଲଙ୍କୁ ସମର୍ଥନ କରୁଥିବାର ଦେଖାଯାଇଛି। ସୋସିଆଲ ମିଡିଆରେ ପୋଷ୍ଟ କରିବା ବ୍ୟତୀତ, ସେ ଚହଲଙ୍କୁ ଉତ୍ସାହିତ କରିବା ପାଇଁ ଷ୍ଟାଡିୟମକୁ ଯାଉଥିବାର ମଧ୍ୟ ଦେଖାଯାଇଛି। ଏସବୁ ଦୁହିଁଙ୍କ ବିଷୟରେ ଡେଟିଂ ଗୁଜବକୁ ଖୋରାକ ଯୋଗାଇଛି। ଆରଜେ ମହଭାଶଙ୍କ ସଦ୍ୟ ମୁକ୍ତିଲାଭ କରିଥିବା ଧାରାବାହିକ 'ପ୍ୟାର୍, ପୈସା ଔର ପ୍ରଫିଟ' ବିଷୟରେ କହିବାକୁ ଗଲେ, ଏହା ମଇ ୭ ତାରିଖରୁ ଗଢ ପ୍ଲେୟାରରେ ଷ୍ଟ୍ରିମିଂ ହେଉଛି। ଧାରାବାହିକରେ ମହଭାଶଙ୍କ ସହିତ ମିହିର ଆହୁଜା ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି।

# ବିରାଟଙ୍କୁ ଇଗନୋର କଲେ ଅନୁଷ୍କା !



ନୂଆଦିଲ୍ଲୀ,୮ ।୫: ବିରାଟ କୋହଲି ଏବେ ଖବରରେ ଅଛନ୍ତି। ପ୍ରକୃତରେ, ବିରାଟ କୋହଲି ଇନଷ୍ଟାଗ୍ରାମରେ ଅବନୀତ କୌରଙ୍କ ଏକ ଫଟୋକୁ ଲାଇକ କରିଥିଲେ। ଏହା ପରେ ବିରାଟ ପୋଷ୍ଟ କରି ସ୍ପଷ୍ଟୀକରଣ ଦେଇଥିଲେ। ଏହି ଘଟଣା ପରେ, ବିରାଟ କୋହଲି ଏବଂ ଅନୁଷ୍କା ଶର୍ମା ପ୍ରଥମ ଥର ପାଇଁ ବାହାରକୁ ବୁଲିବାକୁ ଯାଇଥିବା ନଜର ଆସିଥିଲେ। ତାଙ୍କର ବାହାରକୁ ଯିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଅନୁଷ୍କା ଏବଂ ବିରାଟ ଏକ ଡିନର ଡେଟ ପାଇଁ ଯାଇଥିଲେ। ଭିଡିଓରେ ଅନୁଷ୍କା ଏବଂ ବିରାଟ ଗାଡ଼ିରୁ ଓହ୍ଲାଉଥିବାର ଦେଖାଯାଉଛି। ବିରାଟ ଅନୁଷ୍କାଙ୍କ ହାତ ଧରିବା ପାଇଁ ତାଙ୍କ ହାତ ବଢାଉଛନ୍ତି କିନ୍ତୁ ସେ ତାଙ୍କୁ ଅଣଦେଖା କରି ଚାଲିଯାଉଛନ୍ତି। ସୋସିଆଲ ମିଡିଆରେ ଏହି ଭିଡିଓକୁ ନେଇ ବହୁତ ଆଲୋଚନା ହେଉଛି। ଏହି ଭିଡିଓ ଉପରେ ୟୁଜର୍ସ ଲଗାତାର କମେଣ୍ଟ ଦେଉଛନ୍ତି। ଜଣେ ୟୁଜର ଲେଖିଛନ୍ତି- ଅବନୀତଙ୍କ ଘଟଣା ପରେ ଭାବୀ ରାଗିଯାଇଛନ୍ତି। ଅନ୍ୟ ଜଣେ ୟୁଜର ଲେଖିଛନ୍ତି – ଭାଇ, ଏହାକୁ ଡିଲିଟ କରିଦିଅ। ୫ ସେକେଣ୍ଡର ଏକ କ୍ଲିପ ଯୋଗୁ ଲୋକମାନେ ଅନୁଷ୍କାଙ୍କୁ ଗାଳି ଦେଉଛନ୍ତି। ଆଉଜଣେ ଲେଖିଛନ୍ତି – ଏହାକୁ ଡିଲିଟ କରିଦିଅ, ଲୋକମାନେ ଅନୁଷ୍କାଙ୍କୁ ୫ ସେକେଣ୍ଡର କ୍ଲିପ ଦେଖି ଜଜ କରୁଛନ୍ତି। ସୂଚନାଯୋଗ୍ୟ, ଅବନୀତଙ୍କ ଫଟୋକୁ ଲାଇକ କରିବା ପରେ, ବିରାଟ କୋହଲି ଲେଖିଥିଲେ – ମୁଁ ସ୍ପଷ୍ଟ କରିବାକୁ ଚାହୁଁଛି ଯେ ଯେତେବେଳେ ମୁଁ ମୋର ଫିଡ ସଫା କରୁଥିଲି, ଆଲଗୋରିଦମ ନିଶ୍ଚିତ ଭାବରେ ଭୁଲବଶତଃ ଏକ ଇଣ୍ଟରାକ୍ସନ ଲଗ କରିଥିବ। ଏହା ପଛରେ ମୋର କୌଣସି ଉଦ୍ଦେଶ୍ୟ ନଥିଲା। ଗାୟକ ରାହୁଲ ବୈଦ୍ୟ ବିରାଟଙ୍କ ପୋଷ୍ଟର ମଜା ଉଡାଇଥିଲେ। ସେ ଲେଖିଥିଲେ- ବିରାଟ କୋହଲିଙ୍କ ପ୍ରଶଂସକମାନେ ତାଙ୍କଠାରୁ ବଡ଼ ଜୋକର।

# ତାଇପେ ଓପନ୍ ସୁପର-୩୦୦ରେ ଦମଦାର ଆରମ୍ଭ କଲେ ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି

ନୂଆଦିଲ୍ଲୀ, ୮।୧୫ : ବ୍ୟାଡ୍ ମିଣ୍ଟନରେ ଭାରତୀୟ ବ୍ୟାଡମିଣ୍ଟନ ଖେଳାଳିମାନେ ତାଇପେ ଓପନ୍ ସୁପର ୩୦୦ରେ ନିଜର ଅଭିଯାନକୁ ଜୋରଦାର ଆରମ୍ଭ କରିଥିବା ବେଳେ ବିଭିନ୍ନ ବର୍ଗରେ ଅନେକ ଖେଳାଳି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ କିଦାମ୍ବି ଶ୍ରୀକାନ୍ତ ପ୍ରଥମ ରାଉଣ୍ଡରେ ତାଙ୍କ ସାଥୀ ଭାରତୀୟ ଶଙ୍କର ସୁବ୍ରମଣ୍ୟମଙ୍କୁ ୨୧-୧୬, ୨୧-୧୫ରେ ପରାସ୍ତ କରିଥିଲେ। ଆଜି ଦ୍ୱିତୀୟ ରାଉଣ୍ଡରେ ଶ୍ରୀକାନ୍ତ ତାଙ୍କ ଦେଶବାସୀ ଆୟୁଷ ସେଟ୍ଟୀଙ୍କୁ ଭେଟିବେ, ଯିଏ କି ଚାଇନିଜ୍ ତାଇପେର ତୃତୀୟ ମାନ୍ୟତାପ୍ରାପ୍ତ ଲି ଚିଆ ହାଓଙ୍କୁ ୨୧-୧୭, ୨୧-୧୮ରେ ପରାସ୍ତ କରିଛନ୍ତି। ଭାରତୀୟ ସମୟ ଅନୁସାରେ ପୂର୍ବାହ୍ନ ସାଢ଼େ ୧୧ଟାରୁ ମ୍ୟାଚ୍ ଆରମ୍ଭ ହେବ। ଅନ୍ୟ ମ୍ୟାଚ୍ ଗୁଡ଼ିକରେ ଥାରୁନ୍ ମାନେପଲ୍ଲୀ ୭୦ ମିନିଟ୍ ର କଠିନ ଲଢ଼େଇରେ ଜାପାନର ସୋଗୋ ଓଗାଓ୍ୱାଙ୍କୁ ପରାସ୍ତ କରି ୨୧-୧୭, ୧୯-୨୧, ୨୧-୧୨ରେ ବିଜୟୀ ହୋଇଥିଲେ। ସେ ଇଣ୍ଡୋନେସିଆର ମୋହଙ୍କ ଭୂମିକାରେ ଅଭିନୟ କରିବେ। ଜାକି ଉବେଦିଲ୍ଲା ଆଜି ପୂର୍ବାହ୍ନ ୧୦ଟା ୫୦ରେ। ମହିଳା ସିଙ୍ଗଲ୍ସରେ ଉନ୍ନତି ହୁଡା ସାଥୀ ଭାରତୀୟ ଅନୁପମା ଉପାଧ୍ୟାୟଙ୍କୁ ୨୧-୧୩, ୨୧-୧୭ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଆଜି ପୂର୍ବାହ୍ନ ୧୦ଟା ୧୦ମିନିଟରେ ସେ ତାଇପେର ଲିନ୍ ସିହ ୟୁନ୍ ଙ୍କୁ ଭେଟିବେ।

# ପିଏସ୍ଏଲ୍ ମ୍ୟାଚ୍ ପୂର୍ବରୁ ଡ୍ରୋନ୍ ମାଡ଼ରେ ଥରିଲା ପାକିସ୍ତାନର ରାଓ୍ୱଲପିଣ୍ଡି କ୍ରିକେଟ ଷ୍ଟାଡିୟମ

ନୂଆଦିଲ୍ଲୀ, ୮/୫ : ପାକିସ୍ତାନ ସୁପର ଲିଗ ମ୍ୟାଚ୍ ପୂର୍ବରୁ ଡ୍ରୋନ୍ ମାଡ଼ରେ ଥରିଲା ରାଓ୍ୱଲପିଣ୍ଡି କ୍ରିକେଟ ଷ୍ଟାଡିୟମ। ଆଜି ରାତି ୮ଟାରେ ଷ୍ଟାଡିୟମ୍‌ରେ ମ୍ୟାଚ୍ ହେବାକୁ ଥିଲା। ହେଲେ ଗୁରୁବାର ସେଠାରେ ଡ୍ରୋନ୍ ମାଡ଼ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଆଜି ଷ୍ଟାଡିୟମରେ ପିଏସଏଲ ଦଳ ପେଶାଓ୍ୱାର ଜାଲମି ଏବଂ କରାଚୀ କିଙ୍ଗସ ମଧ୍ୟରେ ଏଠାରେ ମ୍ୟାଚ୍ ଖେଳାଯାଇଥାନ୍ତା। ହେଲେ ତା ପୂର୍ବରୁ ଷ୍ଟାଡିୟମ୍‌ରେ ଏହି ଧମାକା ହୋଇଛି। ଏନେଇ ସୋସିଆଲ୍ ମିଡିଆରେ ଷ୍ଟାଡିୟମ୍‌ରେ ଭିଡିଓ ଭାଇରାଲ ହେଉଛି। କିଛି କିଛି ସ୍ଥାନରେ ଇସଲାମାବାଦ ଭାରତରେ ୧୫ଟି ସାମରିକ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିବାର କିଛି ଘଣ୍ଟା ପରେ ଏହି ସୂଚନା ମିଳିଛି। ଏବଂ ଏହାର ଜବାବରେ ଭାରତ ଗୁରୁବାର ଦିନ ଲାହୋରରେ ବାୟୁ ପ୍ରତିରକ୍ଷା ରାଡାର ସିଷ୍ଟମକୁ ନଷ୍ଟ କରିଦେଇଛି। ସମ୍ବାଦ ସରବରାହ ସଂସ୍ଥା ପିଟିଆଇ ରିପୋର୍ଟ ଅନୁଯାୟୀ, ପାକିସ୍ତାନ ସେନାର ମୁଖପାତ୍ର ଲେଫ୍‌ଟନାଣ୍ଟ ଜେନେରାଲ ଅହମ୍ମଦ ସରିଫ ଚୌଧୁରୀ ଭାରତର ଡ୍ରୋନ୍ ଆକ୍ରମଣ ନେଇ ସୂଚନା ଦେଇଥିଲେ। ସେ କହିଥିଲେ ଯେ ଲାହୋର, ଗୁଜରାନଓ୍ୱାଲା, ଚକଓ୍ୱାଲ, ବାହାଓ୍ୱାଲପୁର, ମିୟାନୋ, କରାଚୀ, ଚୋର,



ରାଓ୍ୱଲପିଣ୍ଡି ଏବଂ ଆଟକରେ କିଛି ଡ୍ରୋନକୁ ନିଷ୍କ୍ରିୟ କରାଯାଇଥିଲା। ପାକିସ୍ତାନ ଅନୁଯାୟୀ, ଭାରତର ଜବାବୀ ଆକ୍ରମଣରେ ଲାହୋରରେ ଚାରି ଜଣ ସେନା କର୍ମଚାରୀ ଆହତ ହୋଇଥିବା ବେଳେ ସିନ୍ଧର ମିୟାନୋରେ ଜଣେ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି। ସେପଟେ ଆତଙ୍କବାଦୀଙ୍କ ସଫେଇ ପାଇଁ ପାକିସ୍ତାନରେ ଭାରତ ଅପରେସନ ସିନ୍ଦୂର ଏବେ ବି ଜାରି ରହିଛି। ଏନେଇ କେନ୍ଦ୍ର ମନ୍ତ୍ରୀ କିରେନ ରିଜିଜୁ ସୂଚନା ଦେଇଛନ୍ତି। ସବୁଠାରୁ ବଡ଼ କଥା ହେଲା ଅପରେସନରେ କେତେ ଜଣ ଆତଙ୍କବାଦୀଙ୍କର ମୃତ୍ୟୁ ହୋଇଛି ସେ ନେଇ ମଧ୍ୟ କେନ୍ଦ୍ର ସରକାର ସୂଚନା ଦେଇଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସର୍ବଦଳୀୟ ବୈଠକରେ ବୁଧବାର ପାକିସ୍ତାନୀ ଆତଙ୍କବାଦୀ ଶିବିର ଉପରେ ହୋଇଥିବା ଆକ୍ରମଣରେ ୧୦୦ ଜଣ ଆତଙ୍କବାଦୀ ନିହତ ହୋଇଥିବା କଥା କହିଛନ୍ତି। ପ୍ରଥମ ଥର ପାଇଁ ସରକାର ସୀମାପାର ଆକ୍ରମଣରେ ମୃତ୍ୟୁ ସଂଖ୍ୟା ବଷୟରେ ସୂଚନା ଦେଇଛନ୍ତି। ଏନେଇ ଜାତୀୟ ଗଣମାଧ୍ୟମ ଇଣ୍ଡିଆଟୁଡେରେ ଖବର ପ୍ରକାଶ ପାଇଛି। ତେବେ ଯଦିଓ ସର୍ବଦଳୀୟ ବୈଠକରେ ସରକାର ଏପରି ସୂଚନା ଦେଇଥିବା କୁହାଯାଉଛି ହେଲେ ସର୍ବସାଧାରଣରେ ସରକାର ମୃତ୍ୟୁ ସଂଖ୍ୟା ନେଇ ସ୍ପଷ୍ଟ କରି ନାହାନ୍ତି। ଗୁରୁବାର ସରିଥିବା ସର୍ବଦଳୀୟ ବୈଠକ ଶେଷ ହେବା ପରେ ସାମ୍ବାଦିକମାନଙ୍କୁ ପ୍ରତିକ୍ରିୟା ଦେଇ କେନ୍ଦ୍ରମନ୍ତ୍ରୀ ରିଜିଜୁ କହିଛନ୍ତି, 'ପ୍ରତିରକ୍ଷା ମନ୍ତ୍ରୀ ନେତାମାନଙ୍କୁ ସୂଚନା ଦେଇଛନ୍ତି ଯେ ଯେହେତୁ ଅପରେସନ ଜାରି ରହିଛି ତେଣୁ ସେ ଟେକ୍ନିକାଲ ସୂଚନା ଦେଇପାରିବେ ନାହିଁ।'

# ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ୪୪ ପଦକ ସହ ମହାରାଷ୍ଟ୍ର ଶୀର୍ଷରେ

ନୂଆଦିଲ୍ଲୀ, ୮।୫ : ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ମହାରାଷ୍ଟ୍ର ୧୬ ସ୍ୱର୍ଣ୍ଣ ପଦକ ସହ ୪୪ ପଦକ ସହ ପଦକ ତାଲିକାର ଶୀର୍ଷ ସ୍ଥାନରେ ରହିଛି। ଏଥିରେ ରାଜ୍ୟ ୧୪ଟି ରୌପ୍ୟ ଓ ୧୪ଟି କାଂସ୍ୟ ପଦକ ଜିତିଛି। ରାଜସ୍ଥାନ ୯ ସ୍ୱର୍ଣ୍ଣ ସହ ୧୬ ପଦକ ସହ ଦ୍ୱିତୀୟ ସ୍ଥାନରେ ଥିବା ବେଳେ କର୍ଣ୍ଣାଟକ ୮ ସ୍ୱର୍ଣ୍ଣ ଓ ମୋଟ ୨୩ ପଦକ ହାସଲ କରି ତୃତୀୟ ସ୍ଥାନରେ ରହିଛି। ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାର ଆଜି ପଞ୍ଚମ ଦିନ। ସେପାକ୍ ଟାକ୍ରାଓ, ଜୁଡୋ, ଟେବୁଲ ଟେନିସ, ସୁଇମିଂ ଓ ସୁଟିଂ ଭଳି ବିଭିନ୍ନ ଇଭେଣ୍ଟରେ ପଦକ ସ୍ଥିର କରାଯିବ। ମେଗା ଯୁବ କ୍ରୀଡ଼ା ଇଭେଣ୍ଟର ମୁଖ୍ୟ ଆକର୍ଷଣ ଥିଲା ଭାଗଲପୁରରେ ତୀରନ୍ଦାଜି, ଯେଉଁଠାରେ ମହାରାଷ୍ଟ୍ର ଖେଳାଳିମାନେ ୬ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ଜିତି ଖେଳରେ ନିଜର ଦକ୍ଷତା ଏବଂ ନିରନ୍ତରତା ଦେଖାଇଥିଲେ। ୫୦ ମିଟର କମ୍ପାଉଣ୍ଡ ବାଳିକା ତୀରନ୍ଦାଜିରେ ଚମତ୍କାର ପ୍ରଦର୍ଶନ କରି ତିନିଟି ଯାକ ପଦକ ମହାରାଷ୍ଟ୍ରକୁ ଯାଇଥିଲା, ଯେଉଁଠାରେ ପୃଥିକା ସ୍ୱର୍ଣ୍ଣ ଓ ତେଜଲ ସାଲଭେ ରୌପ୍ୟ ପଦକ ଜିତିଥିଲେ। ମହାରାଷ୍ଟ୍ରର ବୈଦେହୀ ଯାଦବ ମଧ୍ୟ କାଂସ୍ୟ ପଦକ ଜିତିଛନ୍ତି। ମାର୍ଶାଲ ଆର୍ଟ ଗତ୍‌କା କ୍ରୀଡ଼ାରେ ପଞ୍ଜାବ ଗତକାଲି ସ୍ଥିର ହୋଇଥିବା ୨୧ ପଦକ ମଧ୍ୟରୁ ୨ ସ୍ୱର୍ଣ୍ଣ ପଦକ ସହ ୭ ପଦକ ଜିତିଛି। ଗତ୍‌କା ଇଭେଣ୍ଟ ମାଧ୍ୟମରେ ବିହାର ଏହି ବର୍ଗରେ ୯ଟି କାଂସ୍ୟ ଓ ଗୋଟିଏ ରୌପ୍ୟ ପଦକ ଜିତି ପଦକ ତାଲିକାରେ ନିଜର ସ୍ଥିତିକୁ ଉନ୍ନତ କରିଛି। ଗତକାଲି ତୀରନ୍ଦାଜି ଓ ଗତ୍‌କା ଇଭେଣ୍ଟ ପାଇଁ ପରଦା ପଡ଼ିଥିଲା।

# ଇଂଲଣ୍ଡର ଟେଷ୍ଟ ସ୍କ୍ୱାର୍ଡରେ ହେଲା ସାମିଲ ହେଲେ ଜେମ୍ସ ରେଓ୍ୱ



ନୂଆଦିଲ୍ଲୀ, ୮/୫ : ଇଂଲଣ୍ଡ ଟିମ୍ ଜିମ୍ବାଓ୍ୱେ ବିପକ୍ଷରେ ୨୨ମଇରୁ ୨୫ମଇ ପର୍ଯ୍ୟନ୍ତ ଏକମାତ୍ର ଟେଷ୍ଟ ମ୍ୟାଚ୍ ଖେଳିବ । ଏହି ମ୍ୟାଚ୍ ଲାଗି ଏବେ ଇଂଲଣ୍ଡର ସ୍କ୍ୱାର୍ଡରେ ଏକ ବଡ଼ ପରିବର୍ତ୍ତନ ହୋଇଛି । ଇଂଲଣ୍ଡ ଏହି ମ୍ୟାଚ୍ ଲାଗି କିଛି ଦିନ ପୂର୍ବରୁ ସ୍କ୍ୱାର୍ଡର ଘୋଷଣା କରିଦେଇଥିଲା । କିନ୍ତୁ ଏବେ ସେଥିରେ ଏକ ବଡ଼ ପରିବର୍ତ୍ତନ ହୋଇଛି । ଇଂଲଣ୍ଡ ଓ୍ୱିକେଟ କିପର ବ୍ୟାଟର ଜାର୍ଡନ କୋକ୍ସ ଆଘାତ କାରଣରୁ ଏହି ମ୍ୟାଚରୁ ବାହାରିଯାଇଛନ୍ତି । ତାଙ୍କ ସ୍ଥାନରେ ଟିମରେ ୨୧ବର୍ଷୀୟ ଜେମ୍ସ ରେଓ୍ୱଙ୍କୁ ସାମିଲ କରାଯାଇଛି । ଜେମ୍ସ ରେଓ୍ୱ ଜଣେ ବାମ ହାତୀ ଓ୍ୱିକେଟକିପର ବ୍ୟାଟର ଅଟନ୍ତି ଏବଂ କାଉଣ୍ଟି ଚାମ୍ପିୟନଶିପରେ ତାଙ୍କ ପରଫର୍ମାନ୍ସ ଶାନଦାର ରହିଛି । କୋକ୍ସଙ୍କ ପାଖରେ ପୂର୍ବ ନ୍ୟୁଜିଲାଣ୍ଡ ଗସ୍ତରେ ଡେବ୍ୟୁ କରିବାର ସୁଯୋଗ ଥିଲା, କିନ୍ତୁ ସେଠାରେ ତାଙ୍କ ଅଙ୍ଗୁଠିରେ ଆଘାତ ଲାଗିଥିଲା ଯେଉଁ କାରଣରୁ ତାଙ୍କୁ ଖେଳିବାର ସୁଯୋଗ ମିଳିନଥିଲା । ପୂର୍ବ ସପ୍ତାହରେ କାଉଣ୍ଟି ଚାମ୍ପିୟନଶିପରେ ସେ ଏସେକ୍ସ ଲାଗି ଖେଳିବା ସମୟରେ ଆଘାତ ହୋଇଥିଲେ । ଏହି ମ୍ୟାଚରେ ଯେତେବେଳେ କୋକ୍ସ ୯୯ରନରେ ବ୍ୟାଟିଂ କରୁଥିଲେ ସେତେବେଳେ ଶତକ ପୂରା କରିବା ଲାଗି ୧ରନ୍ ପାଇଁ ଦୌଡ଼ିଥିଲେ ଏହି ସମୟରେ ତାଙ୍କୁ ଆଘାତ ଲାଗିଥିଲା । ଶତକ ପୂରା କରିବା ପରେ ସେ ରିଟାୟର୍ଡ ହର୍ଟ୍ ହୋଇ ପାଭିଲିୟନ ଫେରିଯାଇଥିଲେ ।

# ଭାରତର ଆକ୍ରମଣ ପରେ ପାକିସ୍ତାନ ସୁପର ଲିଗ ମ୍ୟାଚ ବାତିଲ

ନୂଆଦିଲ୍ଲୀ,୮ ।୫: ରାଓ୍ୱଲପିଣ୍ଡି କ୍ରିକେଟ ଷ୍ଟାଡିୟମରେ ଗୁରୁବାର ସନ୍ଧ୍ୟାରେ ପେଶାଓ୍ୱାର ଜାଲମି ଏବଂ କରାଚୀ କିଙ୍ଗସ ମଧ୍ୟରେ ଥିବା ପାକିସ୍ତାନ ସୁପର ଲିଗ (ପିଏସଏଲ) ମ୍ୟାଚ ଭାରତୀୟ ସଶସ୍ତ୍ର ବାହିନୀ ଦ୍ୱାରା ପାକିସ୍ତାନର ବିଭିନ୍ନ ସ୍ଥାନରେ ବାୟୁ ପ୍ରତିରକ୍ଷା ରାଡାର ଏବଂ ବ୍ୟବସ୍ଥାକୁ ଟାର୍ଗେଟ କରିବା ପରେ ବାତିଲ ହୋଇଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଅଧିକାରୀମାନେ ପିଏସଏଲର ବାକି ମ୍ୟାଚଗୁଡ଼ିକୁ ତିନୋଟି ସ୍ଥାନ – କରାଚୀ, ଦୋହା ଏବଂ ଦୁବାଇକୁ ସ୍ଥାନାନ୍ତର କରିବାକୁ ପ୍ରସ୍ତାବ ଦେଇଛନ୍ତି। ପିସିବି ବୁଧବାର ଘୋଷଣା କରିଥିଲା ଯେ ଭାରତର ଆକ୍ରମଣ ଏବଂ ଦୁଇ ଦେଶ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ସତ୍ତ୍ୱେ ପିଏସଏଲ ଯୋଜନା ଅନୁସାରେ ଆଗେଇ ଚାଲିବ। ତେବେ, ପରିସ୍ଥିତି ଦ୍ରୁତ ଗତିରେ ବଦଳିଯାଇଛି। "ରାଓ୍ୱଲପିଣ୍ଡିରେ ଏକ ପିଏସଏଲ ମ୍ୟାଚ ଆକ୍ରମଣ ପରେ ବାତିଲ ହୋଇଛି, ଯାହା ବିଦେଶୀ ଖେଳାଳିମାନଙ୍କୁ ଗଭୀର ଚିନ୍ତାରେ ପକାଇଛି। ମ୍ୟାଚଟି ଗୁରୁବାର ରାତିରେ ଥିଲା। ଅନେକ ଖେଳାଳି ଏବେ ଯଥାଶୀଘ୍ର ଦେଶ ଛାଡ଼ିବାକୁ ଚାହୁଁଛନ୍ତି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ସରକାରଙ୍କ ସହ



ଆଲୋଚନା ପରେ ନିଷ୍ପତ୍ତି ନେବ,'' ଜଣେ ପୂର୍ବତନ ପାକିସ୍ତାନୀ କ୍ରିକେଟର ଆଇଏଏନଏସକୁ କହିଛନ୍ତି। ମେ ୭ ତାରିଖ ଭୋରରେ, ଭାରତ ପହଲଗାମରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ, ଯେଉଁଥିରେ ୨୬ ଜଣଙ୍କର ମୃତ୍ୟୁ ହୋଇଥିଲା (୨୫ ଜଣ ଭାରତୀୟ ଏବଂ ଜଣେ ନେପାଳୀ ନାଗରିକ), ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ରେ ଥିବା ନଅଟି ଉଚ୍ଚ-ମୂଲ୍ୟ ଆତଙ୍କବାଦୀ ଶିବିର ଉପରେ ସଠିକ ଆକ୍ରମଣ ଆରମ୍ଭ କରିଥିଲା। ମେ ୭-୮ ରାତିରେ, ପାକିସ୍ତାନ ଉତ୍ତର ଏବଂ ପଶ୍ଚିମ ଭାରତର ଅନେକ ସାମରିକ ଲକ୍ଷ୍ୟସ୍ଥଳ ଯଥା ଅବାନ୍ତିପୁରା, ଶ୍ରୀନଗର, ଜମ୍ମୁ, ପଠାନକୋଟ, ଅମୃତସର, କପୁରଥାଲା, ଜଲନ୍ଧର, ଲୁଧିଆନା, ଆଦମପୁର, ଭଟିଣ୍ଡା, ଚଣ୍ଡୀଗଡ଼, ନାଲ, ଫାଲୋଡ଼ି, ଉତ୍ତରଲାଇ ଏବଂ ଭୁଜକୁ ଡ୍ରୋନ ଏବଂ ମିସାଇଲ ବ୍ୟବହାର କରି ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା। ଗୁରୁବାର ସକାଳେ ଭାରତ ପାକିସ୍ତାନର ବିଭିନ୍ନ ସ୍ଥାନରେ ବାୟୁ ପ୍ରତିରକ୍ଷା ରାଡାର ଏବଂ ବ୍ୟବସ୍ଥାକୁ ଟାର୍ଗେଟ କରିଥିଲା, ଯେଉଁଥିରେ ଲାହୋରରେ ଥିବା ଏକ ରାଡାରକୁ ନିଷ୍କ୍ରିୟ କରାଯାଇଛି ବୋଲି ସରକାର ଏକ ବିବୃତିରେ କହିଛନ୍ତି। ପାକିସ୍ତାନ ଗଣମାଧ୍ୟମ ଅନୁସାରେ, ପିସିବି ଗୁରୁବାର ଲାହୋରର ଗଦ୍ଦାଫୀ ଷ୍ଟାଡିୟମରେ ପିଏସଏଲ ଫ୍ରାଞ୍ଚାଇଜିଗୁଡ଼ିକ ସହିତ ଏକ ଜରୁରୀ ବୈଠକ ଡାକିଛି, ଯେଉଁଥିରେ ବାକି ପିଏସଏଲ ମ୍ୟାଚ ଆୟୋଜନର ସମ୍ଭାବ୍ୟ ବିକଳ୍ପଗୁଡ଼ିକ ଉପରେ ଆଲୋଚନା ହେବ। ଜିଓ ସୁପର ରିପୋର୍ଟ ଅନୁସାରେ, ବର୍ତ୍ତମାନର ଜାତୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ପିସିବି ପିଏସଏଲ ୧୦ ଏବଂ ବାଂଲାଦେଶ ବିପକ୍ଷ ଘରୋଇ ଟି୨୦ଓ ସିରିଜରେ କୌଣସି ବାଧା ଏଡ଼ାଇବା ପାଇଁ ବିଭିନ୍ନ ବିକଳ୍ପ ବିଚାର କରୁଛି।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar